୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.41 Bhubaneswar Saturday March 22 2025 | ୨୭ତମ ବର୍ଷ ସଂଖ୍ୟା-୪୧ ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୨, ୨୦୨୫ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଓଡିଶା ଛାଡିବେ ପାଣ୍ଡିଆନ: ବିଜେଡି ସମ୍ଭାଳିବେ ବବି, ନେତାଙ୍କ ତୁଣ୍ଡରେ ତୁଣ୍ଡି

ଭୁବନେଶ୍ୱର,୨୧।୩(ପି.ଏନ): ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନ ଓଡିଶା ଛାଡିବେ । ତାଙ୍କର ଖାସ୍ ଅନୁଗତ ତଥା ତାଙ୍କ ଆତ୍ମଘୋଷିତ 'କ୍ରୀତଦାସ' ପ୍ରଣବପ୍ରକାଶ ଦାସ ଓରଫ ବବି ଆନୁଷ୍ଠାନିକ ଭାବେ ବିଜେଡି ସମ୍ଭାଳିବେ । ବୟସାଧିକ୍ୟ ଯୋଗୁ ଦଳୀୟ ସାଂଗଠନିକ କାର୍ଯ୍ୟରେ ବିଶେଷ ରୁଚି ଦେଖାଉନଥିବା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ବିଜେଡିକୁ ପରଦା ପଛରେ ରହି ପାଣ୍ଡିଆନ ପୂର୍ବଭଳି ନିୟନ୍ତ୍ରଣ କରିବେ । ଏଭଳି ରଣନୀତିକୁ ଆଖିରେ ରଖି ପାଣ୍ଡିଆନ ଗତ କିଛିଦିନ ଧରି ଦଳର ଆଗଧାଡିର ନେତାମାନଙ୍କୁ ନବୀନ ନିବାସ ଡାକି ଆଲୋଚନା କରିବା ସହ ସେ ଓଡିଶା ଛାଡୁଥିବାର ସନ୍ଦେଶ ଦେଇଥିବା ଜଣାପଡିଛି ।ତେବେ ସାଧାରଣ ନିର୍ବାଚନରେ ବିପର୍ଯ୍ୟୟ ପରେ ଦଳରେ ପଂଚାୟତଠୁ ରାଜ୍ୟସ୍ତର ପର୍ଯ୍ୟନ୍ତ ତୀବ୍ର ଗୋଷ୍ଠୀକନ୍ଦଳ ଲାଗି ରହିଥିବାରୁ ପାଣ୍ଡିଆନଙ୍କ ପ୍ରସ୍ତୁତ ଏହି ଇକୋସିଷ୍ଟମ ଓ ରିମୋଟ୍ କଂଟ୍ରୋଲରେ ନିୟନ୍ତ୍ରଣ କେତେ ପ୍ରଭାବୀ ହୋଇପାରିବ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଆଉ ପାଣ୍ଡିଆନଙ୍କ ଏଭଳି ଲୁଚକାଳି ଖେଳ ବିଜେଡି ପାଇଁ ଅଧିକ କାଳ ହୋଇପାରେ ଓ ଦଳରେ ଗୃହଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଥିଲେ ମଧ୍ୟ ଆଗଧାଡିର ନେତାମାନେ ମୁହଁରେ ତୁଣ୍ଡି ବାନ୍ଧି ପରିସ୍ଥିତି ଉପରେ ନଜର ରଖିଥିବା ସୂଚନା ମିଳିଛି ।



କୁଆଡ ? ଯିବେ ପାଣ୍ଡିଆନ ?

ନବୀନ ନିବାସର ସୂତ୍ରକୁ ଯଦି ବିଶ୍ୱାସ କରାଯାଏ ତା'ହେଲେ ବିଜେଡିର ଅଘୋଷିତ ସର୍ବ ?ସର୍ବା ଭିକେ ପାଣ୍ଡିଆନ 'ଓଡିଆ ନବବର୍ଷ' ଅର୍ଥାତ୍ ପଣାସଂକ୍ରାନ୍ତି ପରେ ଓଡିଶା ଛାଡିବାର ସମ୍ଭାବନା ରହିଛି । ସେ ଲଣ୍ଡନରେ ଥିବା ବିଲ୍ ଆଣ୍ଡ ମିରିଣ୍ଡା ଗେଟସ୍ ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶକ ଜୋଏ କେରେଲଙ୍କ ଟିମରେ 'ଗଭର୍ଣ୍ଣମେଂଟ୍ ରିଲେସନ୍ ଆଣ୍ଡ ପଲିସି' କ୍ଷେତ୍ରରେ ସହାୟକ ଉପଦେଷ୍ଟା ଭାବେ କାର୍ଯ୍ୟ କରିବେ । ଆଉ ସେ ନିୟମିତ ଭାବେ ପ୍ରତିମାସରେ ଓଡିଶା ଓ ଦିଲ୍ଲୀ ଆସି ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିବେ । ନବୀନଙ୍କ ବ୍ୟକ୍ତିଗତ ଦାୟିତ୍ୱ ମଧ୍ୟ ସେ ବିଦେଶରୁ ରହି ତୁଲାଇବେ ବୋଲି ଜଣାପଡିଛି ।

କାହିଁକି ଓଡିଶା ଛାଡୁଛନ୍ତି ପାଣ୍ଡିଆନ ?

ସାଧାରଣ ନିର୍ବାଚନରେ ବିଜେଡିର ବିପର୍ଯ୍ୟୟ ପାଇଁ ପାଣ୍ଡିଆନଙ୍କୁ ଦାୟୀ କରାଯାଉଛି । ଦଳର ବରିଷ୍ଠ ନେତାମାନେ ବିଭିନ୍ନ ସ୍ଥାନରେ ଖୋଲାଖୋଲି ଭାବେ ପାଣ୍ଡିଆନଙ୍କ ତ୍ରୁଟିପୂର୍ଣ୍ଣ ରଣନୀତି ଓ ମାତ୍ରାଧିକ କ୍ଷମତା ନିଶା ଯୋଗୁ ବିଜେଡିକୁ ନିର୍ବାଚନରେ ପରାଜୟ ହେବାକୁ ପଡିଲା ବୋଲି ଦଳର ନେତାମାନେ କହିବାରେ ଲାଗିଛନ୍ତି । ଯଦିଓ ପାଣ୍ଡିଆନ ନିଜେ ପରାଜୟକୁ ସ୍ୱୀକାର କରି ୨୦୨୪ ଜୁନ୍ ମାସରେ ସକ୍ରିୟ ରାଜନୀତିରୁ ସନ୍ୟାସ ଘୋଷଣା କରିଥିଲେ କିନ୍ତୁ ନବୀନ ନିବାସରେ ସେ ନବୀନଙ୍କ ପାଖରେ ଛାଇ ଭଳି ରହୁଥିବାରୁ ତାଙ୍କର ଭୂମିକା 'ଚ଼ଟୁ ଆମିଷ ବେଂଟ ନିରାମିଷ' ସଦୃଶ ହୋଇଥିବା ଚର୍ଚ୍ଚା ହେଉଛି । ଯଦିଓ ପାଣ୍ଡିଆନ ବିଜେଡିର କୌଣସି ନେତାଙ୍କୁ ବିଶ୍ୱାସ କିମ୍ବା ଭରସାକୁ ନେଉନାହାନ୍ତି ତେଣୁ ନିଜର ଅପେକ୍ଷାକୃତ ଅନୁଗତ ବବିଙ୍କ ମାଧ୍ୟମରେ ସଂଗଠନକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ଜଣାପଡିଛି ।

## ଗଞ୍ଜେଇ ଧରିବାକୁ ଯାଇ ୨୬ ପୋଲିସ ଆହତ



ବ୍ରହ୍ମପୁର,୨୧।୩(ପି.ଏନ): ଗଞ୍ଜେଇ ଧରିବାକୁ ଯାଇ ୨୬ ପୋଲିସ ଆହତ । ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ମୋହନା ଥାନା ଯୁବ ପଂଚାୟତର ପିଡିଆରୀ ଗାଁରେ । ଏହି ଗାଁରେ ବେଆଇନ ଗଞ୍ଜେଇ ଗଚ୍ଛିତ ଥିବା ଖବର ପାଇବା ପରେ ଗତକାଲି ରାତିରେ ଚଢାଉ କରିଥିଲା ପୋଲିସ ଟିମ । ଗଜପତି ଏସପିଙ୍କ ନିର୍ଦ୍ଦେଶ କ୍ରମେ ଆର. ଉଦୟଗିରି ଏସଡିପିଓଙ୍କ ନେତୃତ୍ୱରେ ମୋହନା, ଅଡବା, ଆର. ଉଦୟଗିରି ଆଇଆଇସି ସହ ରାମଗିରି ଥାନା ଅଧିକାରୀ ଓ ଗୋଟିଏ ପ୍ଲାଟୁନ ଫୋର୍ସ ଚଢାଉ କରିଥିଲେ । କିଛି ଘରୁ ଗଞ୍ଜେଇ ମଧ୍ୟ ଜବତ କରିଥିଲା ପୋଲିସ ଟିମ । ରାତିରେ ପୋଲିସ ଲୋକଙ୍କୁ ହଇରାଣ କରୁଥିବା ଅଭିଯୋଗ କରି ଢେଲାପଥର ମାଡ କରିଥିଲେ ଗ୍ରାମବାସୀ । ଏହି ଆକ୍ରମଣରେ ଆର. ଉଦୟଗିରି ଏସଡିପିଓ, ମୋହନା ଥାନା ଅଧିକାରୀ ଏବଂ ଅଡବା ଥାନା ଅଧିକାରୀ ସମେତ ୨୩ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି । ଏହାସହ ପୋଲିସ ଫୋର୍ସର ୬ଟି ଗାଡିକୁ ମଧ୍ୟ ଭଙ୍ଗା ରୁଜା କରିଛନ୍ତି ଲୋକେ । ଦୀର୍ଘ ୫ ଘଣ୍ଟା ଧରି ପୋଲିସ ଟିମକୁ ଅଟକ ରଖିଥିଲେ ଗ୍ରାମବାସୀ । ଜନପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ପୋଲିସ ଟିମକୁ ମୁକ୍ତ କରିଛନ୍ତି ଗ୍ରାମବାସୀ ।

## ବିଧାନସଭାରେ ଅଭିନବ ଉପାୟରେ ପ୍ରତିବାଦ

ଭୁବନେଶ୍ୱର,୨୧।୩(ପି.ଏନ): ଗୁରୁବାର ହୁଇସିଲ ବଜାଇ ପ୍ରତିବାଦ କ୍ଷ ଆଜି ଘଣ୍ଟ ଘଣ୍ଟା, ମହୁରୀ ଧରି ପ୍ରଥମେ ପୋଡିୟମ ନିକଟରେ ଓ ପରେ ବିଧାନସଭା ବାହାରେ ପରିକ୍ରମା କରି ପ୍ରତିବାଦ କ୍ଷ ନାରୀ ନିର୍ଯାତନା ଓ ଗର୍ଭବତୀ ନାବାଳିକାଙ୍କୁ ନ୍ୟାୟ ଦେବା ଦାବିରେ ୧୦ ଦିନ ଧରି ଅଚଳ ହୋଇଛି ବିଧାନସଭା। ସରକାର ହାଉସ କମିଟି ଗଠନ ଦାବି ଶୁନୁନଥିବାରୁ ଅଭିନବ ଉପାୟରେ ଶାସକ ବିଜେପିକୁ ଘେରିଛନ୍ତି କଂଗ୍ରେସ ବିଧାୟକ। ଗୃହ କାର୍ଯ୍ୟ ଆରମ୍ଭରୁ କଂଗ୍ରେସ ବିଧାୟକଙ୍କ ଘଣ୍ଟଘଣ୍ଟା ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ବିଧାନସଭା । କଳା ପୋଷାକ ପିନ୍ଧି ପୋଡିୟମ ନିକଟରେ ପ୍ରତିବାଦ କରିଥିଲେ କଂଗ୍ରେସ ସଦସ୍ୟ। ବାଚସ୍ପତି ଗୃହକୁ ମୁଲତବି କରିବାରୁ ବିଧାନସଭା ପରିକ୍ରମା କରି ନାରାବାଜି ଦେଇଥିଲା କଂଗ୍ରେସ। ଯେ ପର୍ଯ୍ୟନ୍ତ ସରକାର ମହିଳାଙ୍କୁ ସୁରକ୍ଷା ଯୋଗାଇ ଦେଇ ନାହାନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛି ଦଳ। ଅନ୍ୟପଟେ ବିଧାନସଭାରେ ବିରୋଧୀଙ୍କ ସ୍ୱରକୁ ଚପାଇ ଦେବାକୁ ଶାସକ ଦଳର ଷଡଯନ୍ତ୍ରକୁ ଦୃଢ଼ ବିରୋଧ କରିଛି ମୁଖ୍ୟ ବିରୋଧୀ ବିଜେଡି। ବିଧାନସଭାରେ ବିଜେପିର ଏକଛାତ୍ରବାଦ ଶାସନ ଚଳିବ ନାହିଁ ସ୍ଲୋଗାନ ଦେଇ ନାରାବାଜି ଓ ପ୍ରତିବାଦ କରିଛି ବିଜେଡି। ଶାସକ ଦଳର ନେତା ଓ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିରୋଧୀଙ୍କ କଣ୍ଠରୋଧ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି ବରିଷ୍ଠ ବିଧାୟକ ଅରୁଣ ସାହୁ।

### ଆସନ୍ତା ୨୪ ଓ ୨୫ ତାରିଖରେ ପ୍ରସ୍ତାବିତ ବ୍ୟାଙ୍କ ଧର୍ମଘଟ ସ୍ଥଗିତ

ଭୁବନେଶ୍ୱର, ଭୁବନେଶ୍ୱର,୨୧।୩ (ପି.ଏନ): ଆସନ୍ତା ୨୪ ଓ ୨୫ ତାରିଖରେ ପ୍ରସ୍ତାବିତ ବ୍ୟାଙ୍କ ଧର୍ମଘଟ ସ୍ଥଗିତ । ସେଣ୍ଟ୍ରାଲ ଲେବର କମିଶନରଙ୍କ ସହ ଆଲୋଚନା ପରେ ଧର୍ମଘଟ ସ୍ଥଗିତ ରଖିଲା ୟୁନାଇଟେଡ୍ ଫୋରମ ଅଫ ବ୍ୟାଙ୍କ ୟୁନିୟନ । ଖାଲି ପଡିଥିବା ଦେଢ଼ ଲକ୍ଷରୁ ଅଧିକ ପଦବୀ ପୂରଣ କରିବା, ସପ୍ତାହରେ ୫ ଦିନ କାର୍ଯ୍ୟ ଦିବସ କରିବା, ଅସ୍ଥାୟୀ କର୍ମଚାରୀ ମାନଙ୍କୁ ସ୍ଥାୟୀ କରିବା ସହ ବ୍ୟାଙ୍କ, କର୍ମଚାରୀ, ଗ୍ରାଚ୍ୟୁଇଟି ବୃଦ୍ଧି, ଓ ଗ୍ରାହକମାନଙ୍କ ସୁରକ୍ଷା ଭଳି ପ୍ରସଙ୍ଗ ମୁଖ୍ୟ ଦାବି ରହିଥିଲା । ଅନ୍ୟପଟେ ମିଳିତ ସଙ୍ଗଠନ ଆଇଡିବିଆଇ ବ୍ୟାଙ୍କର ଘରୋଇକରଣ ପ୍ରସ୍ତାବକୁ ବିରୋଧ କରିଥିଲା । ତେବେ ସିଏଲସିଙ୍କ ସହ ଆଲୋଚନା ପରେ ଏହି ଧର୍ମଘଟକୁ ସ୍ଥଗିତ ରଖାଯାଇଛି। ଏପ୍ରିଲ ତୃତୀୟ ସପ୍ତାହରେ ସଂଘ ସହ ଉଖଉର ପରବର୍ତ୍ତୀ ଆଲୋଚନା ରହିଛି ।

## ଟାଟା ପାୱାରର ମନମୁଖୀ କାରବାର ବିରୋଧରେ ବିଶାଳ ବିକ୍ଷୋଭ

ଭୁବନେଶ୍ୱର,୨୧।୩(ପି.ଏନ): ନିର୍ବାଚନ ପୂର୍ବରୁ ୩୦୦ ୟୁନିଟ ମାଗଣା ବିଜୁଳି ଦେବାକୁ ଘୋଷଣା କରିଥିଲେ। ମାଗଣା ବିଜୁଳି ତ ଦୂରର କଥା ଏବେ ଲୋକଙ୍କୁ ବିଜୁଳି ମାଧ୍ୟମରେ ଲୁଟିବାକୁ ଭୟଙ୍କର ଷଡଯନ୍ତ୍ର ରଚିଛନ୍ତି । ବିଦ୍ୟୁତ ବିଲକୁ ଆହୁରି ବଢାଇବାକୁ ଯୋଜନା କରାଯାଇଛି । ପ୍ରିପେଡ ସ୍ମାର୍ଟ ମିଟର ସଂଯୋଗ ବାଧ୍ୟତାମୂଳକ କହି ଲୋକଙ୍କୁ ଶୋଷଣ କରିବାକୁ ରାଜ୍ୟ ସରକାର ବିଦ୍ୟୁତ ବିତରଣ କମ୍ପାନୀ ସହ ମିଶି ଯୋଜନା କରିଛନ୍ତି । ଓଡିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ ପକ୍ଷରୁ ଏଭଳି ବଡ଼ ଅଭିଯୋଗ ଅଣାଯିବା ସହ ବିଶାଳ ଆନ୍ଦୋଳନ କରାଯାଇଛି । ବିଜେଡି, କଂଗ୍ରେସ, ବାମପନ୍ଥୀ ଦଳର ବରିଷ୍ଠ ନେତାଙ୍କ ଠାରୁ ଆରମ୍ଭ କରି ଶତାଧିକ କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ଜିଲ୍ଲାରୁ ଆସିଥିବା ମହାସଂଘର ଶତାଧିକ କାର୍ଯ୍ୟକର୍ତ୍ତା। ମାଷ୍ଟରକ୍ୟାଣ୍ଟିନରୁ ଏକ ବିଶାଳ ଶୋଭାଯାତ୍ରାରେ ପିଏମଜି ପର୍ଯ୍ୟନ୍ତ ଆସି ବିକ୍ଷୋଭ କରିଛନ୍ତି । ମାଗଣା ବିଜୁଳିର କଥା କହି ସରକାରକୁ ଆସିଥିବା ବିଜେପି ଏବେ ବିଦ୍ୟୁତ କମ୍ପାନୀ ଓ ଓଇଆରସିକୁ ମୋହରା କରି ସାଧାରଣ ବିଜୁଳି ଉପଭୋକ୍ତାଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ଏହା ବିରୋଧରେ ଏହି ମିଳିତ ଆନ୍ଦୋଳନ ବିଧାନସଭା ଆଗରେ ହୋଇଥିବା ବେଳେ ଆଗକୁ ଗ୍ରାମାଞ୍ଚଳରେ ଏହାର ଜୋରଦାର ପ୍ରତିଫଳନ ଦେଖିବାକୁ ମିଳିବ ବୋଲି ଚେତାଇ ଦିଆଯାଇଛି। ଲୋକଙ୍କୁ ଲୁଟୁଛି ଟାଟା ପାୱାର । ସେଥିପାଇଁ ଗଣଆନ୍ଦୋଳନରେ ରାଜ୍ୟର ସାଧାରଣ ଲୋକ ବି ସାମିଲ ହୋଇଥିଲେ । ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରସ୍ତାବ ପ୍ରତ୍ୟାହାର, ଜନବିରୋଧୀ ପ୍ରିପେଡ ସ୍ମାର୍ଟ ମିଟର ସଂଯୋଗ ବର୍ଜନ, ୩୦୦ ୟୁନିଟ ମାଗଣା ବିଦ୍ୟୁତ ଯୋଗାଇବା ଓ ଓଇଆରସି, ଟାଟା କମ୍ପାନୀର ଶୋଷଣ ତଥା ଜୁଲମ ବନ୍ଦ କରିବା ଦାବିରେ ଗଣଆନ୍ଦୋଳନ କରାଯାଇଛି । ରାଜ୍ୟର ଡବଲ ଇଂଜିନ ସରକାର ବିରୋଧରେ ଗର୍ଜିଛନ୍ତି ନେତା, ଉପଭୋକ୍ତା ଓ ସାଧାରଣ ଲୋକେ । ଗୁଣାତ୍ମକ ବିଜୁଳି ନ ଦେଇ, ମାଗଣା ୩୦୦ ୟୁନିଟ ବିଜୁଳି ପ୍ରଦାନ ପ୍ରତିଶ୍ରୁତି ପୂରଣ ନ କରି ଲୋକଙ୍କୁ ଲୁଟବା ଚଳିବ ନାହିଁ ବୋଲି ଚେତାଇ ଦିଆଯାଇଛି । ଆଗକୁ ସ୍ମାର୍ଟ ମିଟରକୁ ଭଙ୍ଗାଯିବା ସହ ବିଦ୍ୟୁତ ଶୁଳ୍କ ବଢାଇବା ନିଷ୍ପତ୍ତିକୁ ଜୋରଦାର ବିରୋଧ କରାଯିବ ବୋଲି ଚେତାଇ ଦିଆଯାଇଛି। ରାଜ୍ୟରେ ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟା ଲୋକଙ୍କ ଅଣ୍ଟା ଭାଙ୍ଗି ଦେଇଥିବା ବେଳେ ଏସବୁକୁ ନିୟନ୍ତ୍ରଣ କରିବାରେ ବିଫଳ ସରକାର ଏବେ ବେଡି ଉପରେ କୋରଡ଼ା ମାଡ଼ ପରି ବିଜୁଳି ଝଟକା ଦେଉଛନ୍ତି। ପୂର୍ବରୁ ସୁଭଦ୍ରା ଯୋଜନାରେ ଏକକାଳୀନ ୫୦ ହଜାର ଟଙ୍କା ଓ ୩ ହଜାର ଟଙ୍କା ଭତ୍ତା ଆଦି ଦେବାକୁ କହି ଲୋକଙ୍କୁ ସରକାର ଠକିଥିବା ବେଳେ ଏବେ ୩୦୦ ୟୁନିଟ ବିଜୁଳି ଛାଡ଼ କଥା କହି ବିଜୁଳି ଝଟକା ଦେବା ରାଜ୍ୟବ୍ୟାପୀ ଅସନ୍ତୋଷକୁ ବ୍ୟାପକ କରିଛି ।

## ତହସିଲ କାର୍ଯ୍ୟାଳୟ ସାମନାରେ ବିଦ୍ୟୁତ ଉପଭୋକ୍ତା ସଂଘର ଗଣଧାରଣା



ଭୁବନେଶ୍ୱର,୨୧।୩(ପି.ଏନ): ତହସିଲ କାର୍ଯ୍ୟାଳୟ ସାମନାରେ ବିଦ୍ୟୁତ ଉପଭୋକ୍ତା ସଂଘର ଗଣଧାରଣା । କଳାହାଣ୍ଡି ଜିଲ୍ଲା ଏମ ରାମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଉପଭୋକ୍ତା ସଂଘ ବିଭିନ୍ନ ଦାବିକୁ ନେଇ ଗଣଧାରଣାରେ ବସିଛନ୍ତି। ପ୍ରଥମେ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ପ୍ରସ୍ତାବିତ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରସ୍ତାବ ପ୍ରତ୍ୟାହାର କରିବା, ବାରମ୍ବାର ବିଦ୍ୟୁତ୍ କାଟ ବନ୍ଦ କରିବା, ଜନବିରୋଧୀ ପ୍ରିପେଡ ସ୍ମାର୍ଟ ମିଟର ସଂଯୋଗ ବନ୍ଦ କରିବା, ନିର୍ବାଚନ ପ୍ରତିଶୃତି ଅନୁଯାୟୀ ପ୍ରତ୍ୟେକ ଉପଭୋକ୍ତାଙ୍କୁ ମାସରେ ୩୦୦ୟୁନିଟ ବିଦ୍ୟୁତ୍ ମାଗଣାରେ ଯୋଗାଇବା,ଓଇଆରସି ଏବଂ ଟାଟା ପାୱାର କଂପାନୀର ଶୋଷଣ ଓ ଜୁଲୁମ ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି । ଏହାସହ ବିଦ୍ୟୁତ୍ ଘରୋଇକରଣ ବନ୍ଦ କରିବା, ବିଦ୍ୟୁତ୍ ବିଲ୍ ପୈଠ କରିଥିବା ବିଦ୍ୟୁତ୍ ଉପଭୋକ୍ତାଙ୍କ ବେଆଇନ ବିଦ୍ୟୁତ୍ କାଟକୁ କରିବା ଭଳି ୭ ଦଫା ଦାବି ରଖି ଧାରଣାରେ ବସିରହିଛନ୍ତି । ଏହାସହ ତହସିଲଦାରଙ୍କ ଜରିଆରେ ମାନ୍ୟବର ବିଭାଗୀୟ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

## ପ୍ରଥମେ ପଞ୍ଜିକରଣ ଓ ଆଡମିଶନ ପାଇଁ ମନଇଛା ଦେଲେ ସମୟ

ଭୁବନେଶ୍ୱର,୨୧।୩(ପି.ଏନ): ପ୍ରଥମେ ସ୍କୁଲ ଗୁଡିକୁ ପଞ୍ଜିକରଣ ନାଁ ରେ ମନଇଚ୍ଛା ସମୟ ଦେଲେ । ଅନଶନ ହେବାରୁ ତାରିଖ ସିନା ବଦଳାଇଦେଲେ କିନ୍ତୁ ସେପଟେ ଅନ୍ୟ ବାଟରେ ଗରିବ ପିଲାଙ୍କୁ ଘରୋଇ ସ୍କୁଲରେ ପାଠ ପଢିବା କିଭଳି ବନ୍ଦ ହୋଇଯିବ ସେ ନେଇ ଯୋଜନା ଖୋଲିଦେଲେ । ଶିକ୍ଷା ଅଧିକାର ଆଇନ ବଳରେ ପାରଦର୍ଶୀ ପୋର୍ଟାଲରେ ପିଲାମାନେ ଆଡ଼ମିଶନ ପାଇଁ ଆବେଦନ କରୁଛନ୍ତି। କିନ୍ତୁ ରାଜ୍ୟରେ ୭୨୦୯ ଘରୋଇ ସ୍କୁଲ ଥିବାବେଳେ ପାରଦର୍ଶୀ ପୋର୍ଟାଲରେ ମାତ୍ର ୨୨୩୫ ସ୍କୁଲ ଦେଖାଉଛି । ତେଣୁ ଆଉ ୫ ହଜାର ସ୍କୁଲ ଗଲା କୁଆଡେ ବୋଲି ପ୍ରଶ୍ନ ଉଠାଇଛି ଓଡିଶା ଅଭିଭାବକ ମହାସଂଘ। ଏହାକୁ ଜାଣିଶୁଣି ଅପଡେଟ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଗରିବ ପିଲାଙ୍କୁ ଶିକ୍ଷା ଅଧିକାରରୁ ଜାଣିଶୁଣି ବଞ୍ଚିତ କରାଯାଉଛି । ବିଗତ ୩ରୁ ଚାରିବର୍ଷ ହେଲା ସେହି ସ୍କୁଲରେ ଆରଟିଇ ପୋର୍ଟାଲ ମାଧ୍ୟମରେ ପିଲା ପାଠ ପ ?ୁଛନ୍ତି। ତାହେଲେ ଏବେ ସ୍ୱତଃପଞ୍ଜିକରଣ କାହିଁକି ହେଉନି। ଜାଣିଶୁଣି ପଞ୍ଜିକରଣ ନାଁରେ ସ୍କୁଲ ନିଜକୁ ପାରଦର୍ଶୀ ପୋର୍ଟାଲରେ ସାମିଲ କରୁନାହାନ୍ତି। ତେଣୁ ଏହା ବିଧିବଦ୍ଧ ଷଡଯନ୍ତ୍ର ବୋଲି କୁହାଯାଇଛି ।

## ୭ଟି ବିଭାଗର ୧୦ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟର ଅନୁମୋଦନ

ଭୁବନେଶ୍ୱର,୨୧।୩(ପି.ଏନ): ୭ଟି ବିଭାଗର ୧୦ଟି ପ୍ରସ୍ତାବକୁ କ୍ୟାବିନେଟର ଅନୁମୋଦନ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇସ୍ପାତ ଓ ଖଣି, ପୂର୍ତ୍ତ, ସାଧାରଣ ପ୍ରଶାସନ, ଜଳ ସମ୍ପଦ, ପଞ୍ଚାୟତିରାଜ ଓ ପାନୀୟଜଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୧୦ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ମିଳିତ ଭାବେ ଲାଗୁ କରିବାକୁ ରାଜ୍ୟ ସରକାର ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହି ନୂଆ ସମନ୍ୱିତ ଯୋଜନାରେ ପ୍ରାୟ ୧.୦୩ କୋଟି ପରିବାରର ୩.୪୬ କୋଟି ହିତାଧିକାରୀ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଓ ମହିଳା ସଦସ୍ୟ ମାନେ ଅତିରିକ୍ତ ୫ ଲକ୍ଷ ଟଙ୍କାର ଦେୟ ମୁକ୍ତ ଚିକିତ୍ସା ସୁବିଧା ପାଇବେ। ଏହାସହ, ୭୦ ବର୍ଷରୁ ଅଧିକ ଆର୍ଥିକ ବର୍ଗ ନିର୍ବିଶେଷରେ, ସମସ୍ତ ବ୍ୟକ୍ତିଙ୍କ ପାଇଁ ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନା ଲାଗୁ କରାଯିବ। ସେହିପରି ଖଣି କାର୍ଯ୍ୟ



ଯୋଗୁଁ ଖଣି ଅଞ୍ଚଳରେ କ୍ଷତିଗ୍ରସ୍ତ ପରିବାରକୁ ଆଶ୍ୱସ୍ତି ଦେବା ପାଇଁ ଓଡ଼ିଶା ଜିଲ୍ଲା ଖଣିଜ ଫାଉଣ୍ଡେସନ ନିୟମ-୨୦୧୫ ପ୍ରଣୟନ କରାଯାଇଥିଲା। ଖଣି ଅଞ୍ଚଳରେ ରହୁଥିବା ପରିବାର ମାନେ କେବଳ ଜମି ନୁହେଁ ବରଂ ତାଙ୍କର ଜୀବିକା ଓ ତାଙ୍କର ପରିଚୟ ମଧ୍ୟ ହରାଇଛନ୍ତି । ଖଣି କାର୍ଯ୍ୟ ଫଳରେ ଉପୁଜୁଥିବା ପରିବେଶ ଅବକ୍ଷୟ ଯୋଗୁଁ ସେମାନେ ଏହାର ନକାରାତ୍ମକ ପ୍ରଭାବର ସମ୍ମୁଖୀନ ମଧ୍ୟ ହେଉଛନ୍ତି । ପ୍ରତିକୂଳ ପ୍ରଭାବରୁ ମୁକୁଳିବା ପାଇଁ ଜିଲ୍ଲା ଖଣିଜ ଫାଉଣ୍ଡେସନ ପାଣ୍ଠି ଗଠନ କରାଯାଇଥିଲା । ଏହି ପାଣ୍ଠି ପ୍ରଭାବିତ ଅଞ୍ଚଳରେ ରହୁଥିବା ପରିବାରର ହିତ ପାଇଁ ବ୍ୟବହୃତ ହେଉଅଛି । ଏହି ବ୍ୟବସ୍ଥା ଗୁଡ଼ିକୁ ଅଧିକ ଲୋକାଭିମୁଖୀ କରିବା ପାଇଁ କେନ୍ଦ୍ର ସରକାର ପ୍ରଚଳିତ ଉଗର ନିୟମରେ ଆବଶ୍ୟକ ସଂଶୋଧନ କରିଛନ୍ତି । ଭାବିତ ଅଞ୍ଚଳରେ କାର୍ଯ୍ୟ ତାଲିକା କେବଳ ଉଗର ଟ୍ରଷ୍ଟ ନିର୍ଦ୍ଧାରଣ କରିବ ଏବଂ ଏହାକୁ ଅନ୍ୟ କେହି ନିର୍ଦ୍ଧାରଣ କିମ୍ବା ହସ୍ତକ୍ଷେପ କରିପାରିବେ ନାହିଁ । ସେହିପରି ଖଣି ପ୍ରଭାବିତ ପରିବାରର ସ୍ୱାର୍ଥରକ୍ଷା ପାଇଁ ପୂର୍ବ ନିୟମ ତୁଳନାରେ ଅନେକ ଉନ୍ନତି କରାଯାଇଛି । ଓଡ଼ିଶା ବେସାମରିକ ସେବା ନିୟମ, ୨୦୨୦ ନିୟମ ଲାଗୁହେବା ପୂର୍ବରୁ ଯେଉଁ କର୍ମଚାରୀଙ୍କ ମୃତ୍ୟୁ ଘଟିଛି, ସେମାନଙ୍କ ପରିବାର ପାଇଁ ୧୯୯୦ ନିୟମ ଲାଗୁହେବ ଏବଂ ଥଇଥାନ ସହାୟତା ଯୋଜନାରେ ୧୯୯୦ ନିୟମ ଅନୁଯାୟୀ ନିଯୁକ୍ତି ପ୍ରଦାନ କରାଯିବ । ସେହିପରି ଓଡ଼ିଶା ରାଜ୍ୟ ସଡ଼କ ନୀତି ୨୦୨୫ର ପ୍ରସ୍ତାବକୁ ଅନୁମୋଦନ କରିଛି କ୍ୟାବିନେଟ। ଏହାସହ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍ ୨୦୨୫କୁ ଅନୁମୋଦନ କରାଯାଇଛି। ବକେୟା ଜଳକର ଆଦାୟ କରିବା ପାଇଁ ଜଳ ସମ୍ପଦ ବିଭାଗ ଦ୍ୱାରା ଆଗତ ଏକକାଳୀନ ସମାଧାନ ଯୋଜନା ର ଅବଧି ୩୧ ମେ ୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରିବା ପାଇଁ ନିଷ୍ପତି ନିଆଗଲା । ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମର ପରିସରକୁ ବ୍ୟାପକ କରିବା ପାଇଁ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଯେଉଁ ବ୍ୟକ୍ତିଙ୍କର ୧ ଏକରର ୨୫ ଭାଗରୁ ଏକ ଭାଗ ଠାରୁ କମ ପରିମାଣର ଘରବାରି ଜମି ଥିବ, ସେହି ବ୍ୟକ୍ତି ମଧ୍ୟ ଘରବାରିହୀନ ବ୍ୟକ୍ତି ଭାବରେ ପରିଗଣିତ ହେବେ। ଏବଂ ୧ ଏକରର ୨୫ ଭାଗରୁ ଏକ ଭାଗ ଠାରୁ ତାଙ୍କର ଯେତିକି ଜମି କମ୍ ଅଛି, ତାଙ୍କୁ ସମପରିମାଣର ଜମି ତାଙ୍କୁ ଯୋଗାଇ ଦିଆଯିବ। ଏନେଇ ବିଧାନସଭାରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ।

## କୋଶଳୀ ଭାଷାକୁ ନେଇ ବିଜେପିରେ ଫାଟ

ଭୁବନେଶ୍ୱର,୨୧।୩(ପିଏନ):କୋଶଳୀକୁ ମିଳିବ ନାହିଁ ରାଜ୍ୟ ଭାଷା ମାନ୍ୟତା। ବିଧାନସଭାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ଉତ୍ତର ଦେବା ପରେ ଗର୍ଜିଲେ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର। କାରଣ ଯେଉଁ କୋଶଳୀ ପାଇଁ ଜୟ ନାରାୟଣ ଓଡ଼ିଶା ବିଭାଜନ ନେଇ ବିବୃତି ଦେଇଥିଲେ, ତାକୁ ପୁଣି ସରକାରୀ ସ୍ତରରେ ଖଣ୍ଡନ କରାଯାଇଛି । ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନରେ ସୂର୍ଯ୍ୟବଂଶୀ ସୂରଜ ଉତ୍ତର ରଖିଥିଲେ, ସମ୍ବଲପୁରୀ-କୋଶଳୀ ଭାଷାକୁ ରାଜ୍ୟ ଭାଷାର ମାନ୍ୟତା ଦାବି ସଂକ୍ରାନ୍ତୀୟ କୌଣସି ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇନାହିଁ। ବାସ୍ ଏତିକି କଥାରେ ସୂର୍ଯ୍ୟବଂଶୀଙ୍କୁ କଡ଼ା ସମାଲୋଚନା କରିଛନ୍ତି ଜୟ ନାରାୟଣ। ଟାର୍ଗେଟ କରି କହିଛନ୍ତି, ମନ୍ତ୍ରୀ ସୂର୍ଯ୍ୟବଂଶୀ ଜାଣି ନାହାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁରୀ-କୋଶଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ବର୍ତ୍ତମାନର ମନ୍ତ୍ରୀ କଣ କହୁଛନ୍ତି ବୋଲି ସେ କଟାକ୍ଷ କରିଛନ୍ତି। ନିଜ ପୁରୁଣା କଥାକୁ ଦୋହରାଇ ଜୟ ନାରାୟଣ ପୁଣି ଥରେ କହିଛନ୍ତି, ଉତ୍କଳ, କଳିଙ୍ଗ ଓ କୋଶଳକୁ ନେଇ ଓଡ଼ିଶା ଗଠନ ହୋଇଛି। ପୂର୍ବରୁ ଗୃହରେ ଏହାକୁ ଜୟ ନାରାୟଣଙ୍କ ବ୍ୟକ୍ତିଗତ ମତ ଭାବେ ଅବଗତ କରିଥିଲେ ସରକାର। ହେଲେ ସରକାରଙ୍କ ସେଦିନର ମତକୁ ବି କାଉଣ୍ଟର କରି ଜୟ ନାରାୟଣ କହିଛନ୍ତି ଯେ ବର୍ତ୍ତମାନର ବ୍ୟକ୍ତିଗତ ମତ ଆଗକୁ ସାମୂହିକ ମତ ହେବ। ଇତିହାସ ଛାତ୍ର ତଥା ବିଜେଡ଼ି ବିଧାୟକ ଅରୁଣ ସାହୁଙ୍କଠାରୁ ଇତିହାସ ପାଠ ପଢିବାକୁ ଜୟ ନାରାୟଣ କହିଛନ୍ତି । ସେପଟେ ଅରୁଣ ସାହୁ କଟାକ୍ଷ କରି କହିଛନ୍ତି, ସବୁ ଭାଷା ବଞ୍ଚୁ, କିଛି ବିଲୀନ ନ ହେଉ। ହେଲେ ଦୁର୍ବଳ ସରକାରରେ ଖାଲି ଥିବା ମନ୍ତ୍ରୀ ପଦ ପାଇବାକୁ କିଛି ବିଧାୟକ ଖଞ୍ଜା ଖୋଜୁଛନ୍ତି। ଓଡ଼ିଶା ବିଭାଜନ ପରି ମତରେ ଜୟ ନାରାୟଣଙ୍କ ବ୍ରେକ ଲାଗୁନି। ଅଖଣ୍ଡ ଓଡ଼ିଶାର ଗରିମାକୁ ଲଜ୍ଜିତ କରୁଥିବା ଜୟ ନାରାୟଣଙ୍କୁ ସମାଲୋଚନା କରିଛି କଂଗ୍ରେସ। ଗୋଟେ ପଟେ ରାଜ୍ୟ ବିଭାଜନକୁ ନେଇ ଜୟ ନାରାୟଣଙ୍କ ବୟାନବାଜି ଜାରି ରହିଛି। ଅନ୍ୟପଟେ ସରକାର ଓ ସରକାରୀ ଦଳର ଆଭିମୁଖ୍ୟ ଓଲଟା । ଏପରି ସ୍ଥିତିରେ ବିଜେପି ଭିତରେ ଜୟ ନାରାୟଣଙ୍କ ଗୁରୁତ୍ୱକୁ ନେଇ ପ୍ରଶ୍ନ ଉଠିଲାଣି।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ମାର୍ଚ୍ଚ ୨୨

# କାର୍ନେଙ୍କ ପାଇଁ ଚ୍ୟାଲେ

କାନାଡାର ନୂତନ ପ୍ରଧାନମନ୍ତ୍ରୀ ଭାବେ ମାର୍କ କାର୍ନେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶାସକ ଲିବେରାଲ ପାର୍ଟି ତାଙ୍କୁ ବିଦାୟୀ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୁଙ୍କ ସ୍ଥାନରେ ଦେଶର ନୂତନ ଶାସନ ମୁଖ୍ୟ ଭାବେ ନିର୍ବାଚିତ କରିଛି । ଶାସକ ଲିବେରାଲ ପାର୍ଟି ତାଙ୍କୁ ୮୫.୯ ପ୍ରତିଶତ ଭୋଟ ଦେଇ ଦେଶର ପରବର୍ତୀ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ପ୍ରଦାନ କରିଛି । ଏହା ନିସନ୍ଦେହ ଯେ, ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ପ୍ରଦାନ କରିଛି । ଏହା ନିସନ୍ଦେହ ଯେ, ପ୍ରଧାନମନ୍ତ୍ରୀ ଭାବେ କାର୍ନେ ଚାରି ପଂଚମାଂଶରୁ ଅଧିକ ଭୋଟ ପାଇ ଦଳ ଏବଂ ଦେଶର ସବୁଠୁ ଲୋକପ୍ରିୟ ନେତା ଭାବେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବାବେଳେ ତାଙ୍କ ନେତୃତ୍ୱ ଏବେ ବହୁ ଚ୍ୟାଲେର ସମ୍ମୁଖୀନ । ସେ ଏଭଳି ଏକ ଘଡିସନ୍ଧି ସମୟରେ ଦେଶର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି, ଯେଉଁ ସମୟରେ ଭାରତ ସହ କାନାଡାର ସମ୍ପର୍କ ତିକ୍ତ ହୋଇଛି ଏବଂ କାନାଡାକୁ ୫୧ତମ ରାଜ୍ୟ ଭାବେ ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଘୋଷଣା କରିଛନ୍ତି । ବିଦାୟୀ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୁଙ୍କ ଶାସନ ଅମଳରେ ଅବନତି ଘଟିଥିବା ଭାରତ କାନାଡା ସମ୍ପର୍କ ପୁନଃ ପ୍ରତିଷ୍ଠା କରିବା କାର୍ନେଙ୍କ ପାଇଁ ଅତ୍ୟଂ ଗୁରୁତ୍ୱ ବହନ କରେ । ଦୁଇ ଦେଶ ମଧ୍ୟରେ କୁଟନୈତିକ ଓ ବାଣିଜ୍ୟିକ ସମ୍ପର୍କ ପୂର୍ବାବସ୍ଥାକୁ ଫେରାଇ ଆଣିବା କାର୍ନେଙ୍କ ପାଇଁ ସବୁଠୁ ବଡ ଚ୍ୟାଲେ ବୋଲି କୁହାଯାଇପାରିବ । ଉଲ୍ଲେଖ କରାଯାଇପାରେ ଯେ, ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂହ ନିଜ୍ଜାରଙ୍କ ହତ୍ୟାକୁ ନେଇ ଭାରତ-କାନାଡା ସମ୍ପର୍କ ତିକ୍ତ ହୋଇପଡିଥିବାବେଳେ ଖଲିସ୍ତାନୀ ସମର୍ଥକଙ୍କୁ ଭାରତ ବିରୋଧି କାର୍ଯ୍ୟକଳାପକୁ ଟ୍ରୁଡୁ ପ୍ରଶାସନ ଆଖିବୁଜି ପ୍ରଶ୍ରୟ ଦେବା ଦୁଇ ଦେଶର ସମ୍ପର୍କରେ ଭଟ୍ଟା ପକାଇଥିଲା । ଭାରତ ବିରୋଧରେ ବିଦେଶ ମାଟିରେ ସକ୍ରୀୟ ଥିବା ଖଲିସ୍ତାନୀ ସମର୍ଥନୀଙ୍କୁ ନିୟନ୍ତ୍ରଣ କରିବା ଏବେ କାନାଡା ପାଇଁ ତଥା କାର୍ନେ ସରକାରଙ୍କ ପାଇଁ ମୁଖ୍ୟ ଚ୍ୟାଲେ ସଦୃଶ ଉଭା ହୋଇଛି । ଅବଶ୍ୟ ନିର୍ବାଚନ ସମୟରେ ଭାରତ-କାନାଡା ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ତେବେ କେବଳ କଥାରେ ନୁହେଁ, କାର୍ନେଙ୍କୁ କାମରେ ଦେଖାଇବାକୁ ହେବ । କହିବା ବାହୁଲ୍ୟ ଯେ, ଖଲିସ୍ତାନୀ ପ୍ରସଙ୍ଗକୁ ନେଇ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଏବେ ତିକ୍ତ ହୋଇପଡିଥିଲା ଯେ, ଦୁଇ ଦେଶରେ ବାଣିଜ୍ୟ ଆଲୋଚନା ବନ୍ଦ ହୋଇଯାଇଥିବାବେଳେ ଉଭୟ ଦେଶକୁ କୁଟନୀତିଜ୍ଞମାନଙ୍କୁ ବହିଷ୍କାର କରିବାକୁ ପଡିଥିଲା । ଏହା ନିସନ୍ଦେହ ଯେ, ଆତଙ୍କବାଦ ବିରୁଦ୍ଧରେ ଲଢେଇ ପ୍ରସଙ୍ଗ ଦୁଇ ଦେଶ ମଧ୍ୟରେ ପରସ୍ପର ଉପରେ ବିଶ୍ୱାସ ଆସ୍ଥା ସୃଷ୍ଟି ଦୀର୍ଘ ସମୟ ଲାଗିପାରେ । ଏହା ସତ୍ୟ ଯେ, ଭାରତୀୟ ଛାତ୍ରଛାତୀଙ୍କ ପାଇଁ କାନାଡା ଏବେ ଅଧ୍ୟୟନରେ ମୁଖ୍ୟ କ୍ଷେତ୍ର ଏବଂ କାନାଡା ପାଇଁ ମୁଖ୍ୟ ଆୟର ସୂତ୍ର ଭାବେ ପରିଚିତ । କିଂ ଭାରତୀୟ ଛାତ୍ରଙ୍କ ପାଇଁ ଭିସା କଟକଣା ଏବଂ ଅଧ୍ୟୟନ ପରବର୍ତୀ କର୍ମନିଯୁକ୍ତି କଟକଣାକୁ କାର୍ନେ ସରକାର ସୁଧାରିବା ଜରୁରୀ । ସେହିପରି ଦ୍ୱିପାକ୍ଷିକ ବାଣିଜ୍ୟକୁ ଗତିରୋଧ କରିଥିବା ପାରିପାର୍ଶ୍ୱିକ ଅବସ୍ଥାକୁ ସୁଧାରିବା କାର୍ନେଙ୍କ ପରି ଖ୍ୟାତନାମା ଅର୍ଥନୀତିଜ୍ଞ ପାଇଁ ଅସମ୍ଭବ ହୋଇନପାରେ । କାନାଡାର ଆମଦାନୀ ଉପରେ ଟ୍ରମ୍ପଙ୍କ ଶତପ୍ରତିଶତ ଶୁଳ୍କ ଲାଗୁ କରିବା ସମୟରେ ଟ୍ରୁଡୁ ସରକାର ଆମେରିକାର ଆମଦାନୀ ଉପରେ ମଧ୍ୟ ଅନୁରୂପ ଭାବେ ଶୁଳ୍କ ଲାଗୁ କରିଛି । ତେବେ କାନାଡାର ଏହି ପଦକ୍ଷେପକୁ ନେଇ କାର୍ନେ କିଭଳି ଆଭିମୁଖ୍ୟ ଗ୍ରହଣ କରିବେ, ତାହାକୁ ମଧ୍ୟ ବିଶ୍ୱବାସୀ ଅପେକ୍ଷା କରିବା ସ୍ୱାଭାବିକ । ତେବେ କାର୍ନେଙ୍କ ପାଇଁ ଅର୍ଥନୈତିକ ଦ୍ୱିପାକ୍ଷିକ ବାଣିଜ୍ୟ ଓ କୁଟନୈତିକ ସମ୍ପର୍କ ପୁନଃ ପ୍ରତିଷ୍ଠା ନିଶ୍ଚିତ ଭାବେ ଚ୍ୟାଲେ ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*

# ପିଲା ଝଗଡ଼ା କରୁଥିଲେ

ଝଗଡ଼ା କରିବା ସାଧାରଣତଃ ପିଲାଙ୍କର ଏକ ସ୍ୱଭାବ । ଅଧିକାଂଶ ସମୟରେ ଦେଖାଯାଏ ପିଲା ବାହାରେ ଝଗଡ଼ା କରି କାହାଠାରୁ ମାଡ଼ ଖାଇ କିମ୍ବା କାହାକୁ ମାଡ଼ ଦେଇ ଘରକୁ ଫେରେ । କେତେକ ଅଭିଭାବକ ଖୁସି ହୋଇଯାଆନ୍ତି ଯେ ଆମ ପିଲା ମାଡ଼ ଖାଇନି ଏବଂ ମାଡ଼ ଦେଇଛି । ଦରକାର ପଡ଼ିଲେ ଏଥିପାଇଁ ସାବାସ୍ କହିବାକୁ ମଧ ପଛାନ୍ତି ନାହିଁ । କିନ୍ତୁ ଯଦି ପିଲାଟି ମାଡ଼ ଖାଇକି ଫେରେ। ତାକୁ ଗାଳି ପରେ ଗାଳି କରି ଚାଲନ୍ତି । ହେଲେ ଏପରି କରିବା ପରିବର୍ତ୍ତେ ପିଲାଙ୍କୁ କିପରି ବୁଝାଇବେ ସେ ସମ୍ପର୍କରେ କେତୋଟି କଥା.....

ଘରେ ଝଗଡ଼ା କରିଥିଲେ : ଘରେ ଯେଉଁ ବୟସର ପିଲା ଥାଆନ୍ତୁ ନା କାହିଁକି ବେଳେ ବେଳେ ଝଗଡ଼ା ହୋଇଯାଏ । ଏହି ପରିସ୍ଥିତିରେ ଜଣେ ଭଲ ଅଭିଭାବକ ଭାବେ ଆପଣଙ୍କ ଦାୟିତ୍ୱ ହେଉଛି କାହାର ସପକ୍ଷ ନନେଇ ନିରପେକ୍ଷ ଭାବେ ସମାଧାନ କରନ୍ତୁ । ଦୁଇଜଣଙ୍କୁ ଅଲଗା ଅଲଗା ବୁଝାନ୍ତୁ ଏବଂ ବଡ଼କୁ ସାନର ଆଦର କରିବା ଶିଖାନ୍ତୁ । ଝଗଡ଼ା ବିଷୟରେ ବାହାରେ କୁହନ୍ତୁ ନାହିଁ । କାରଣ ପିଲାଙ୍କୁ ଖରାପ ଲାଗିପାରେ ।

ବାହାରେ ଝଗଡ଼ା କରିଥିଲେ : ଯଦି ଆପଣଙ୍କ ପିଲା ବାହାରେ ଝଗଡ଼ା କରିଥାଏ ତେବେ ଆଦୌ ଖୁସି କିମ୍ବା ବିରକ୍ତି ହୁଅନ୍ତୁ ନାହିଁ । ଏ ସମ୍ପର୍କରେ ସାଙ୍ଗେ ସାଙ୍ଗେ ଅନ୍ୟ ଅଭିଭାବକଙ୍କ ପାଖରେ ଅଭିଯୋଗ କରନ୍ତୁ ନାହିଁ । ଅନ୍ୟ କେହି ଅଭିଯୋଗ କରୁଥିଲେ ଧ୍ୟାନରେ ଶୁଣନ୍ତୁ । କାରଣ ପିଲା ଝଗଡ଼ା କରିବା ପରେ ପୁଣି ଏକାଠି ହୋଇଯିବେ ଏଥିପାଇଁ ଆପଣ ନିଜ ପାଖ ପଡ଼ୋଶୀଙ୍କ ସହିତ ଅପ୍ରିୟ ହୁଅନ୍ତୁ ନାହିଁ ।

ପିଲାକୁ ବୁଝାନ୍ତୁ : ଯଦି ଆପଣଙ୍କ ପାଖକୁ ବାରମ୍ବାର ପିଲାର ଅଭିଯୋଗ ଆସୁଥାଏ ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ କିମ୍ବା ମାଡ଼ଗାଳି ଦିଅନ୍ତୁ ନାହିଁ । ନିଜର ବ୍ୟସ୍ତତା ତାକୁ ଜଣାଇବା ପରିବର୍ତ୍ତେ ଭଲ ଭାବେ ବୁଝାନ୍ତୁ ଯେ, ଝଗଡ଼ା କରୁଥିବା ପିଲା ସହିତ କେହି ସାଙ୍ଗ ହେବାକୁ ଭଲ ପାଆନ୍ତି ନାହିଁ । ଯଦି ସେ ଏହି ପରି ଝଗଡ଼ା କରିବ ତେବେ ତାକୁ କେହି ସାଙ୍ଗ କରିବେ ନାହିଁ ।



ଡକ୍ଟର ସୁରେଶ କୁମାର ନାୟକ

ତଥାପି ନ ବୁଝିଲେ : ପ୍ରଥମଥର ନବୁଝିଲେ ତାକୁ ସ୍ନେହରେ ବୁଝାନ୍ତୁ । ଏପରି କରିବା ଦ୍ୱାରା ଯଦି ସେ ନ ବୁଝେ ଆପଣ ଟିକେ ଶକ୍ତ ହୁଅନ୍ତୁ । ତଥାପି ଯଦି ଅବୁଝା ହୁଏ ତେବେ ତାକୁ ଶାସ୍ତି ଦିଅନ୍ତୁ । କିନ୍ତୁ ମନେରଖିବେ ଏହି ଶାସ୍ତି ଯେପରି ମାଡ଼ ନହୁଏ । ଆପଣ କିଛି ସମୟ ପାଇଁ ତା ମନ ପସନ୍ଦ କାର୍ଟୁନ ଶୋ ବନ୍ଦ କରି ଦିଅନ୍ତୁ କିମ୍ବା କିଛି ଦିନ ତାର ମନ ପସନ୍ଦ ଜିନିଷ ଖାଇବାକୁ ଦିଅନ୍ତୁ ନାହିଁ । ଦରକାର ପଡ଼ିଲେ କିଛିଦିନ ତାକୁ ବାହାରକୁ ଖେଳିବାକୁ ମଧ ଛାଡ଼ନ୍ତୁ ନାହିଁ ।

ଆପଣ ଆଦୌ ଭୁଲ ଚିନ୍ତାରେ ଯାଆନ୍ତୁ ନାହିଁ ଯେ ପିଲାଟିର ଝଗଡ଼ା ଅର୍ଥ ତାର ମାନସିକ ଭାବେ ସମ୍ଭବତଃ କୌଣସି ସମସ୍ୟାକୁ ନେଇ ସେ ତା ଆଚରଣରେ ଏହାକୁ ପ୍ରଦର୍ଶିତ କରୁଛି । ପିଲାମାନେ ଉତ୍ତେଜିତ ହେବା ଏପରି ବୟସରେ ଆଦୌ ଏକ ଭଲ ଲକ୍ଷଣ ନୁହେଁ । ପିଲାଟିର ଶାରୀରିକ ଓ ମାନସିକ ବିକାଶ ସହିତ ବୌଦ୍ଧିକ ବିକାଶ ମଧ୍ୟ ଅଗ୍ରଗତି କରୁଛି ସେ ଦିଗକୁ ଟିକେ ଭଲ ଭାବେ ଚିନ୍ତା କରନ୍ତୁ । ପିଲାଟିକୁ ଆଧ୍ୟାତ୍ମିକ ଭାବ ସମ୍ପନ୍ନ କରନ୍ତୁ । ଆପଣ ଯେ କୌଣସି ଦେବାଦେବୀ, ଠାକୁର ବା ଆଧ୍ୟାତ୍ମିକ ଗୁରୁଙ୍କ ଶରଣାପନ୍ନ ହୁଅନ୍ତୁ ନା କାହିଁକି ପିଲାଟିକୁ କିନ୍ତୁ ଏହିପରି ବୟସରେ ଆଧ୍ୟାତ୍ମିକ ଓ ଆନନ୍ଦମୟ ଜୀବନ ବିତାଇବା ପାଇଁ ଶିକ୍ଷାଟି ଦିଅନ୍ତୁ । ପିଲାଟି ଭିତରେ ମାନବୀୟ ମୂଲ୍ୟବୋଧ ଓ ସମସ୍ତଙ୍କୁ ଭଲ ପାଇବା ଏହିପରି ଦିଗ ଗୁଡ଼ିକୁ ଶିକ୍ଷା ଦିଅନ୍ତୁ । କୌଣସି ପରିସ୍ଥିତିରେ ଆପଣଙ୍କର ଆଭିଜାତ୍ୟ, ଅର୍ଥ, ପ୍ରତିପତ୍ତି, କ୍ଷମତା ବା ବାହୁବଳ ଯେ ଦୁନିଆର ସର୍ବୋଚ୍ଚ ଶକ୍ତି ଏ ଶିକ୍ଷା ଯେପରି ପିଲାଟି ଉପରେ ନପଡ଼େ ସେ ଦିଗକୁ ଭୁଲି ଯାଆନ୍ତୁ ନାହିଁ । ପିଲାମାନେ ହେଉଛନ୍ତି ଆମ ସୃଷ୍ଟିର ଶ୍ରେଷ୍ଠ ସର୍ଜନା । ମନେପଡୁଛି କୁନ୍ତଳାକୁମାରୀ ସାବତଙ୍କ ସେହି ସ୍ମରଣୀୟ ଧାଡ଼ିଟି – 'ଆହା କି ସୁନ୍ଦର ଶିଶୁ ଭାବନା ବିହୀନ, ସୁଧାରସ ସିକ୍ତ ତବ ଏ ନବ ଜୀବନ, ପ୍ରାତଃ ସମ ସୁମଧୁର ପ୍ରଶାନ୍ତ ଉଜ୍ଜ୍ୱଳ, ଏ ନବ ଜୀବନେ ନାହିଁ ସଂସାର ଜଞ୍ଜାଳ । ନୈରାଶ୍ୟ ବିଷମ ବିଷେ ନୋହୁଛୁ ଜର୍ଜର ଆଶାଶୂନ୍ୟ, କି ଜାଣୁ ତୁ ଭାର ନୈରାଶ୍ୟର ? ନାହିଁ ଲୋଭ, ନାହିଁ କ୍ରୋଧ, ନାହିଁ ଅହଂକାର, ଉଚ୍ଚପଦ ଅଭିଳାଷ ନାହିଁ ତୋ ଦୁର୍ବାର ।'

*ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ*

# ଭୟାନକ ଯକ୍ଷ୍ମା ଓ ଯକୃତ୍ ସଂକ୍ରମଣ

୧୮୮୨ ମସିହା । ସେତେବେଳେ ୟୁରୋପ ଏବଂ ଆମେରିକା ମହାଦେଶରେ ଥିଲା ଯକ୍ଷ୍ମାର ପ୍ରାଦୁର୍ଭାବ । ଏହି ରୋଗରେ ପ୍ରାୟ ପ୍ରତି ସାତ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରୁଥିଲେ । ଏହାର ଭୟାବହତାକୁ ଲକ୍ଷ୍ୟ କରିଥିଲେ ବର୍ଲିନର ଡାଃ ରବର୍ଟ କୋକ୍ । ତା'ପରେ ସେ ଲାଗିପଡ଼ିଲେ ଏହି ରୋଗ ପଛରେ ଥିବା କାରଣକୁ ଖୋଜିବା ପାଇଁ । ବାସ୍, ତା'ପରେ ଡାଃ କୋକ୍ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଯୋଡ଼ିଥିଲେ ସଫଳତାର ଆଉ ଏକ ଫର୍ଦ୍ଦ । ଦୀର୍ଘଦିନର ଗବେଷଣା ପରେ ସେ ଚିହ୍ନଟ କରିଥିଲେ ଯକ୍ଷ୍ମା ପାଇଁ ଦାୟୀ ବ୍ୟାକ୍ଟେରିଆକୁ । ଏହି ବ୍ୟାକ୍ଟେରିଆକୁ ଡାଃ କୋକ୍ 'ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍' ନାମରେ ନାମିତ କରିଥିଲେ । ତା'ପରେ ଯକ୍ଷ୍ମାର ଚିହ୍ନଟ ଏବଂ ଚିକିତ୍ସା ପାଇଁ ଦ୍ୱାର ଉନ୍ମୁକ୍ତ ହୋଇଥିଲା । ଯେଉଁଦିନ ସେ ଏହି ଐତିହାସିକ ସଫଳତା ହାସଲ କରିଥିଲେ ତାହା ଥିଲା ୧୮୮୨ ମାର୍ଚ୍ଚ ୨୪ ତାରିଖ । ଆଉ ସେହି ଦିନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ପାଳିତ ହୋଇ ଆସୁଛି 'ବିଶ୍ୱ ଯକ୍ଷ୍ମା ଦିବସ' । ସମଗ୍ର ବିଶ୍ୱକୁ ଯକ୍ଷ୍ମାମୁକ୍ତ କରିବା ଏହି ଦିବସର ପ୍ରମୁଖ ଲକ୍ଷ୍ୟ । ଅନେକ ଲୋକ ଅଛନ୍ତି ଯେଉଁମାନେ ଏହି ରୋଗର ଲକ୍ଷଣ ସମ୍ପର୍କରେ ସଚେତନ ନୁହନ୍ତି । କେତେକ ଜାଣିପାରିଲେ ମଧ୍ୟ ତାହାର ଚିକିତ୍ସା ସଠିକ୍ ସମୟରେ କରାଇ ନଥାନ୍ତି, ଯାହାଫଳରେ ପରବର୍ତ୍ତୀ ସମୟରେ ରୋଗ ଜଟିଳ ଆକାର ଧାରଣ କରିଥାଏ । ଏହି ଦିବସ ଅବସରରେ ବିଶ୍ୱର ବିଭିନ୍ନ ସ୍ଥାନରେ ଆଲୋଚନାଚକ୍ର, ସଚେତନତା ଶିବିର, ଚିକିତ୍ସା ଶିବିର ଆଦି ଆୟୋଜିତ ହୋଇଥାଏ । ଲୋକମାନଙ୍କୁ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନ କରାଇବା ଉକ୍ତ ଦିବସର ଅସଲ ଉଦ୍ଦେଶ୍ୟ । ଆଉ ଏହି ଦିବସ ପାଳନ ଅବସରରେ ସର୍ବାଗ୍ରେ ସ୍ମରଣ କରାଯାଇଥାଏ ଡାଃ କୋକ୍‌ଙ୍କୁ । ୧୯୮୨ରେ ଇଣ୍ଟରନ୍ୟାସନାଲ ୟୁନିୟନ ଏଗେନ୍‌ଷ୍ଟ ଟ୍ୟୁବରକୁଲୋସିସ୍ ଆଣ୍ଡ ଲଙ୍ଗସ ଡିଜିଜ୍ (ଆଇୟୁଏଟିଏଲଡ଼ି) ଆନୁକୂଲ୍ୟରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହୋଇଥିଲା । ଏହି ଅବସରରେ ଯକ୍ଷ୍ମାର ନିରାକରଣ ପାଇଁ ଉପରୋକ୍ତ ସଂସ୍ଥା ପକ୍ଷରୁ ମାର୍ଚ୍ଚ ୨୪ ତାରିଖକୁ 'ବିଶ୍ୱଯକ୍ଷ୍ମା ଦିବସ' ରୂପରେ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ୧୯୯୬ରେ ଆଇୟୁଏଟିଏଲଡ଼ି ସହ ଏହି ଅଭିଯାନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ହାତ ମିଳାଇଥିଲା । ପ୍ରତି ବର୍ଷପରି ଚଳିତ ବର୍ଷର ବାର୍ତ୍ତା ରହିଛି – "ୟେସ୍ ! ଉଇ କ୍ୟାନ୍ ଏଣ୍ଡ ଟିବି : କମିଟ୍, ଇନଭେଷ୍ଟ ଆଣ୍ଡ ଡେଲିଭର" ("ଶରଣ୍ମ ! ଡର ଉବଭ ରଭୟ ଛଇ: ଉକ୍ଷଙ୍କଙ୍କସହ୍ମ, ଓଭଙ୍ଗରହ୍ମହ୍ମ, ଉରକ୍ଷସଙ୍ଗରହ୍ୱ").ସମ୍ପ୍ରତି ବିଶ୍ୱସ୍ତରରେ ନିଜର ଭୟଙ୍କର କାୟା ମେଲିଥିବା ଯକ୍ଷ୍ମା ଆରୋଗ୍ୟସାଧ ହେଲେ ମଧ୍ୟ ଏହି ରୋଗ ସମ୍ପର୍କରେ ପ୍ରତିବର୍ଷ ସଚେତନତା ସୃଷ୍ଟି କରାଯାଉଥିଲେ ବି ଏହାକୁ ଆହୁରି ସୁଦୂରପ୍ରସାରୀ କରିବାକୁ ସମସ୍ତଙ୍କର ସହଯୋଗ ଲୋଡ଼ା । ଯକ୍ଷ୍ମା ଦିବସ ଅବସରରେ ବିଶ୍ୱସ୍ୱାସ୍ଥ୍ୟସଂଗଠନ ପକ୍ଷରୁ ପ୍ରକାଶିତ ବାର୍ତ୍ତାରେ ମତବ୍ୟକ୍ତ କରାଯାଇଛି ଯେ ସମସ୍ତେ ଯେପରି ଏହି ରୋଗର ନିରାକରଣ ପ୍ରତି ଆଗ୍ରହ ପ୍ରକାଶ କରିବା ଦରକାର । ସଚେତନତା ସୃଷ୍ଟି ସହ ଏହି ରୋଗକୁ ସଂପୂର୍ଣ୍ଣ ମୂଳୋତ୍ପାଟନ କରିବାଲାଗି ସମସ୍ତେ ହାତ ମିଳେଇ କାମ କରିବା ଜରୁରୀ । ନହେଲେ ଏହାର ନିରାକରଣ ସମ୍ଭବ ହୋଇପାରିବ ନାହିଁ ।

ସମ୍ପ୍ରତି ଭୟାବହ ଯକ୍ଷ୍ମାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ କେନ୍ଦ୍ରସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଡେନ୍‌ମାର୍କ ସରକାରଙ୍କ ଡାନିଡ଼ା ପ୍ରକଳ୍ପ ହେଉ ବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଯକ୍ଷ୍ମାରୋଗ ପାଇଁ ବିଭିନ୍ନ ତତ୍‌କାଳ ପଦକ୍ଷେପ ଦ୍ୱାରା ଏହାର ନିରାକରଣ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ସମ୍ପ୍ରତି ସରକାର ଯକ୍ଷ୍ମାରୋଗ ପାଇଁ ଡଟ୍‌ସ୍ ପଦ୍ଧତିକୁ ରୋଗୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ିକର୍ମୀ, ଆଶା କର୍ମୀଙ୍କ ଠାରୁ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହାୟତାରେ ଏହାର ନିରାକରଣ ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇ ବେଶ୍ ସଫଳ ହୋଇଛନ୍ତି । ସରକାରଙ୍କୁ ବିଭିନ୍ନ ବେସରକାରୀ ସଂଗଠନ ମଧ୍ୟ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ସଚେତନଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ଯକ୍ଷ୍ମାର ଭୟାବହତାକୁ ଲୋକମାନଙ୍କ ଭିତରୁ ଦୂରେଇ ପାରିବା ସହ ସେମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପହଞ୍ଚାଇ ପାରିଛି । ଯକ୍ଷ୍ମା ଏକ ଭୟାନକ ସଂକ୍ରମିତ ରୋଗ ହୋଇଥିଲେ ବି ପ୍ରାଥମିକ ଅବସ୍ଥାରେ କଫ ପରୀକ୍ଷା ଦ୍ୱାରା ଏହାର ନିରାକରଣ ନୁହେଁ ବରଂ ମୂଳପ୍ରୋଟନ ମଧ୍ୟ ହୋଇପାରୁଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜଣେ ଗୁଟ୍‌ଖା ହେଉ ବା ବିଡ଼ି, ସିଗାରେଟ, ଗ୍ରାମୀଣ ହାତ ତିଆରି ନିଶା ଦ୍ରବ୍ୟ ହେଉ ବା ମଦ୍ୟପାନ ଏହା ପ୍ରଥମତଃ ଜଣଙ୍କ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପେଟ, ଲିଭର ଓ କିଡ଼ନୀକୁ ପ୍ରଭାବିତ କରିଥାଏ । ଏହା ଏପରି ଏକ ଜଟିଳ ବିଷାକ୍ତ ପଦାର୍ଥ ଯେ ଏହା ଆପଣଙ୍କୁ ଯକୃତ ଜନିତ କ୍ୟାନସର ବି କରିପାରେ, ଲିଭର ସିରୋସିସ ବି ହୋଇପାରେ ଏବଂ ଏହା ମଧ୍ୟ ଯକ୍ଷ୍ମାରୋଗର ଅନ୍ୟତମ ପ୍ରମୁଖ କାରଣ । ସେହିପରି ଯକ୍ଷ୍ମା କ୍ଷେତ୍ରରେ ଜଣେ ରୋଗୀକୁ ଦୀର୍ଘଦିନ ଧରି କାଶ ହେଉ ବା ଜ୍ୱର, ରାତିରେ ଝାଳ ବୋହିବା ଠାରୁ ଭୋକ କମିଯିବା, ଓଜନ କମିଯିବା ଓ ଛାତିରେ ଯନ୍ତ୍ରଣା ହେବାପରି ଲକ୍ଷଣ ଶରୀରରେ ପ୍ରକାଶ ପାଇଥାଏ । ଶରୀରର ସମସ୍ତ ଅଙ୍ଗକୁ ଏହି ଯକ୍ଷ୍ମା ଜୀବାଣୁ ଆକ୍ରାନ୍ତ କରେ । ସାଧାରଣତଃ ଫୁସ୍‌ଫୁସ୍‌କୁ ଏହା ପ୍ରଥମେ ଆକ୍ରମଣ କରେ ଓ ପରବର୍ତ୍ତୀ କ୍ଷେତ୍ରରେ ଏହା ଶରୀରର ସମସ୍ତ ଅଙ୍ଗକୁ ଆକ୍ରାନ୍ତ କରେ । ରୋଗୀର ରୋଗପ୍ରତିରୋଧକ ଶକ୍ତି ଉପରେ ଏହି ଆକ୍ରାନ୍ତର ଭୟାବହତା ନିର୍ଭର କରେ । ଖାଦ୍ୟନଳୀ, ଯକୃତ୍, ଅଗ୍ନ୍ୟାଶୟ, ବୃକକ୍, ମସ୍ତିଷ୍କ, ଅସ୍ଥି, ମଜ୍ଜା, ଗଣ୍ଠି, ଆଖି, ଜରାୟୁ, ଚମଡ଼ା ଓ ହୃଦ୍‌ଯନ୍ତ୍ର ଇତ୍ୟାଦି ଅଙ୍ଗ ଏହି ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୁଏ । ଏହି ସବୁ ରୋଗକୁ ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ । ଏହି କ୍ଷେତ୍ରରେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ସମ୍ପୃକ୍ତ ରୋଗୀର କାଶ, କଫ, ଛେପ, ଖଙ୍କାର ଯେପରି କାହାର ସଂସ୍ପର୍ଶରେ ନ ଆସେ ସେଥିପ୍ରତି ସଜାଗ ହେବା ।

ତେବେ ଯକ୍ଷ୍ମା ଆଉ ଭୟାନକ ହୋଇରହି ନାହିଁ ଏବଂ ଡାକ୍ତର କୋକ୍‌ଙ୍କ ଦୀର୍ଘଦିନର ଗବେଷଣାର ଫଳ ଆଜି ସଫଳ ହୋଇଛି । ବେଳେ ବେଳେ ଏହି ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍ ଡଟ୍‌ସ୍ ଚିକିତ୍ସା ପଦ୍ଧତିରେ ନିୟନ୍ତ୍ରଣ ହୁଏ ନାହିଁ । ଏହି କ୍ଷେତ୍ରରେ ଦ୍ୱିତୀୟସ୍ତରର ଚିକିତ୍ସା ପଦ୍ଧତିକୁ ଅନୁସରଣ କରାଯାଏ । ଏହାକୁ ଡ୍ରଗ୍ ରେଜିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ । ଏହି ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍‌ରେ ଦୀର୍ଘ ସମୟ ପାଇଁ (ଏକବର୍ଷରୁ ଦେଢ଼ବର୍ଷ) ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ । ଯକୃତ୍ ଓ ଖାଦ୍ୟନଳୀ ଟ୍ୟୁବରକ୍ୟୁଲୋସିସ୍‌ରେ ମଧ୍ୟ ଏକବର୍ଷରୁ ଦେଢ଼ବର୍ଷ ପର୍ଯ୍ୟନ୍ତ ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ । ଏହି ଚିକିତ୍ସା ସମୟରେ ବେଳେ ବେଳେ ରୋଗୀ ଜଣ୍ଡିସ୍‌ରେ ଆକ୍ରାନ୍ତ ହୁଏ ଓ ଏହା ଏକ ମାରାତ୍ମକ ଜଣ୍ଡିସ୍ । ଏହି ମାରାତ୍ମକ ଜଣ୍ଡିସ୍ ସାଧାରଣତଃ ଟି.ବି. ଔଷଧର ପ୍ରତିକ୍ରିୟାରୁ ହୋଇଥାଏ ଓ ଲିଭର ଅକାମୀ ହୋଇଯାଏ । ଏହି କ୍ଷେତ୍ରରେ ଲିଭର ପ୍ରତିରୋପଣ ଏକାନ୍ତ ଜରୁରୀ । ମଲ୍ଟିଡ୍ରଗ ରେସିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ ହେଉଛି ଏକ ଭୟାନକ ଯକ୍ଷ୍ମା ଯାହା ଲିଭରସିରୋସିସ୍, କ୍ୟାନସର, ଡାଇବେଟିସ ଓ ଏଡ଼ସ୍ ରୋଗୀମାନଙ୍କୁ ଆକ୍ରମଣ କରେ ଓ ଏହି ରୋଗର ଚିକିତ୍ସା ଅତ୍ୟନ୍ତ କଷ୍ଟସାଧ୍ୟ । ସର୍ବପ୍ରଥମେ ଆପଣ ନିଜ ପାଇଁ ଭଲ ସ୍ୱାସ୍ଥ୍ୟଗତ ରୁଟିନଟି ତିଆରି କରନ୍ତୁ । ନିର୍ଦ୍ଧାରିତ ସମୟରେ ଶଯ୍ୟା ତ୍ୟାଗ ସହ ଶୁଷମ ଖାଦ୍ୟ ଗ୍ରହଣ କରନ୍ତୁ, ବିଶୁଦ୍ଧ ପାଣି ପିଅନ୍ତୁ, ସବୁଜ ପରିବା ଓ ତଟକା ଫଳ ଗ୍ରହଣ କରନ୍ତୁ । ପ୍ରାତଃ ଭ୍ରମଣ, ବ୍ୟାୟାମ, ଯୋଗାସନ ସବୁଠାରୁ ଭଲ ଅଭ୍ୟାସ । ନିରାମିଷ ଖାଦ୍ୟ ଏକ ଭଲ ଅଭ୍ୟାସ, ବାହାରର ଖାଦ୍ୟ, ବାସୀ ଖାଦ୍ୟ, ଥଣ୍ଡା ଖାଦ୍ୟ ଓ ଗରିଷ୍ଠ ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ ଏବଂ କୌଣସି ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ସବୁଠାରୁ ଭଲ ଅଭ୍ୟାସ । ନିଜକୁ ସବୁବେଳେ ସକାରାତ୍ମକ ଭାବନା ଭିତରେ ରଖନ୍ତୁ ଯଥାସମ୍ଭବ ଆପଣଙ୍କ ଇଷ୍ଟଗୁରୁ ଆଉ ଭଗବାନଙ୍କ ନାମ ସ୍ମରଣ କରିବା ସହ ସମସ୍ତଙ୍କ ସହିତ ଏକ ଆନନ୍ଦମୟ ଓ ପ୍ରଫୁଲ୍ଲିତ ସମ୍ପର୍କ ରଖନ୍ତୁ । ଏହା ଆପଣଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ଏକ ବଡ଼ ସଞ୍ଜିବନୀ । ଆସନ୍ତୁ ଆଜି ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଏହାର ମୂଳପ୍ରୋଟନ ପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ ଦାୟିତ୍ୱ ପ୍ରତି ଗୁରୁତ୍ୱ ପ୍ରଦାନ କରିବା ।



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

*ପ୍ରଫେସର, ଲିଭର ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ବାସ୍ତୁ ଓ ବେଡ଼ରୁମ୍

ବଢ଼ିଛି ଜୀବନର ବ୍ୟସ୍ତତା । ଅନିୟମିତ ହୋଇଛି ଦିନଚର୍ଯ୍ୟା । ତା ସହିତ ସୃଷ୍ଟି ହୋଇଛି ଅନିଦ୍ରାର ସମସ୍ୟା । ମଣିଷ ଆଜି ଟିକେ ସୁଖନିଦ୍ରା ପାଇଁ ହେଉଛି ଛଟପଟ । ତେବେ ଯଦି ବାସ୍ତୁଶାସ୍ତ୍ର ଅନୁଯାୟୀ ବେଡ଼ରୁମ୍ ସଜାଯାଏ ଏହି ସମସ୍ୟାରୁ ପାଇପାରିବେ ନିସ୍ତାର । ବେଡ଼ରୁମ୍‌ରେ ଖଟକୁ ଏମିତି ରଖନ୍ତୁ, ଯଦ୍ୱାରା ଶୋଇବା ସମୟରେ ମୁଣ୍ଡ ସର୍ବଦା ଦକ୍ଷିଣ ଦିଗ ଓ ଗୋଡ଼ ଉତ୍ତର ଦିଗକୁ ରହିବ । କାରଣ ବୈଜ୍ଞାନିକ କାରଣ କହେ, ଉତ୍ତର ଦିଗ ହେଉଛି ଚୁମ୍ବକତ୍ୱ ଦିଗ । ଏହି ଦିଗକୁ ମୁଣ୍ଡକରି ଶୋଇଲେ ରାତି ସାରା ଚୁମ୍ବକତ୍ୱର ପ୍ରଭାବ ମୁଣ୍ଡ ଉପରେ ପଡ଼ିଥାଏ । ବିଶେଷକରି ରକ୍ତରେ ଥିବା ଲୌହାଂଶ ଏହାଦ୍ୱାରା ପ୍ରଭାବିତ ହୋଇଥାଏ । ଫଳରେ ମୁଣ୍ଡ ଟାଣିହେବା ପ୍ରତି ଲାଗିବା ସହ ସକାଳେ ଉଠିବା ପରେ ମୁଣ୍ଡ ଭାରି ଭାରି ଲାଗେ । ଏତଦ୍‌ବ୍ୟତୀତ ଆପଣ ମୁଣ୍ଡକୁ ପୂର୍ବ କିମ୍ବା ପଶ୍ଚିମ ଦିଗକୁ ବି ରଖି ଶୋଇପାରିବେ । ଖଟର ମୁଣ୍ଡ ପଟେ କାନ୍ଥ ରହିବା ଭଲ, କୌଣସି ଝରକା କିମ୍ବା କବାଟ ରହିବା ଭଲ ନୁହେଁ । କାରଣ କବାଟ କି ଝରକା ଥିଲେ ମନରେ ଅସୁରକ୍ଷିତ ଭାବ ଉତ୍ପନ୍ନ ହୋଇଥାଏ । ବେଡ଼ରୁମ୍‌ରେ କୌଣସି ଦର୍ପଣ ରହିବା ମଧ ଭଲ ନୁହେଁ । ଯଦି ଦର୍ପଣ ଥାଏ ତାକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରିଦିଅନ୍ତୁ କିମ୍ବ ରାତିରେ ଏହାକୁ କପଡ଼ାରେ ଢ଼ାଙ୍କି ଦିଅନ୍ତୁ । କାରଣ ରାତିରେ ଦର୍ପଣକୁ ଦେଖିଲେ ରୁମ୍‌ରେ ଆଉ କେହି ଥିବା ପରି ମନେହୋଇଥାଏ । ଏହାଦ୍ୱାରା ବ୍ୟକ୍ତିଙ୍କ ଶରୀରର ଉର୍ଜା ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ । ଏଥିସହିତ ବେଡ଼ରୁମ୍‌ରେ କୌଣସି ବଡ଼ ଜଳପାତ୍ର, ଆକ୍ୱାରିୟମ୍ ରଖନ୍ତୁ ନାହିଁ । କାରଣ ଏହା ବେଡ଼ରୁମ୍‌ର ଶାନ୍ତ ପରିବେଶରେ ବ୍ୟାଘାତ ସୃଷ୍ଟି କରିଥାଏ । ଘର ସଜାଇବାବେଳେ ଏମିତି କିଛି ଫଟୋ କାନ୍ଥରେ ଲଗାନ୍ତୁ ନାହିଁ ଯାହା ଦୁଃଖ ଓ ଯନ୍ତ୍ରଣାର ଭାବକୁ ବ୍ୟକ୍ତ କରୁଥିବ । ଆଉ ଛାତକୁ ସବୁବେଳେ ଧଳା ରଙ୍ଗରେ ପେଣ୍ଟ କରନ୍ତୁ । ଯଦି ଚାହାନ୍ତି ଛାତର ବର୍ଡ଼ରରେ କାନ୍ଥ ସହ ମ୍ୟାଚିଂ କରି କିମ୍ବା କଣ୍ଟ୍ରାଷ୍ଟ କଲରର ପେଣ୍ଟ ଲଗାଇପାରିବେ । ବେଡ଼ରୁମ୍‌ରେ ଅଧିକ ଗାଢ଼ ଓ ଏକରୁ ଅଧିକ ରଙ୍ଗ ବ୍ୟବହାର କଲେ ନିଦରେ ବ୍ୟାଘାତ ସୃଷ୍ଟି ହୋଇଥାଏ । ଅଫିସର୍ ରେକର୍ଡ଼, ଫାଇଲ କିମ୍ବା ବ୍ୟବସାୟ ସମ୍ବନ୍ଧିତ କାଗଜପତ୍ରକୁ ରଖନ୍ତୁ ନାହିଁ । କାରଣ ଅଫିସ୍‌ର କାଗଜପତ୍ର ଦେଖିଲେ ବାକି ଥିବା କାମ ମନେପଡ଼େ ଓ ଦିନ ସାରା କରିଥିବା ପରିଶ୍ରମ ମାନସପଟରେ ଭାସିଉଠେ ।



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବେଡ଼ରୁମ୍‌ର ଶେଲ୍ଫ, ଆଲଣା, ଆଲମିରାରେ ଜିନିଷ ଲଦି ରଖନ୍ତୁ ନାହିଁ । କାରଣ ଏହାଦ୍ୱାରା ବେଡ଼ରୁମ୍‌ର ଆଭ୍ୟନ୍ତରୀଣ ବାତାବରଣ ଭାରି ତଥା ଅଣନିଃଶ୍ୱାସୀ ଲାଗେ । ଅଗ୍ନିର କାରକ ତତ୍ତ୍ୱ ଯେମିତି କି ଟିଭି, ଅଧିକ ଉଜ୍ଜ୍ୱଳ ଲାଇଟ, ରେଫ୍ରିଜେଟର, ହିଟର୍ ବି ରଖନ୍ତୁ ନାହିଁ । ବାୟୁତତ୍ତ୍ୱରେ ବି ସୀମା ରହିବା ଜରୁରୀ, ଯେମିତିକି ବହୁତ ବଡ଼ ବଡ଼ ଝରକା, କବାଟ, ସ୍କାଇଲାଇଟ ରହିବା ଉଚିତ ନୁହେଁ । ଏଥିସହିତ ଖୁବ୍ ଜୋରରେ ବୁଲୁଥିବା ଫ୍ୟାନ, କୁଲର୍ ବି ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିପାରେ । କାରଣ ଏହାଦ୍ୱାରା ରୁମ୍ ଭିତରେ ଅସ୍ଥିରତା ବଢ଼ିଥାଏ । ବେଡ଼ରୁମ୍‌ର ଫର୍ଣ୍ଣିଚର ସବୁ କାଠର ହେବା ଜରୁରୀ । କାରଣ ଏହା ଶରୀରର ଉର୍ଜାକୁ ବଜାୟ ରଖିଥାଏ । ଧାତୁ କିମ୍ବା ଅନ୍ୟ କୌଣସି ବସ୍ତୁରେ ତିଆରି ଆସବାପତ୍ର ଶରୀରର ଉର୍ଜାକୁ ନିଷ୍କ୍ରିୟ କରିପାରେ । ବେଡ଼ରୁମ୍‌ଟି ପ୍ରତି ଘରର ଏକ ଗୁରୁତ୍ୱପୂର୍ଣ୍ଣ କୋଠରୀ । ବେଡ଼ରୁମ୍‌ରେ ବିଶେଷକରି ଟିଭି ରଖନ୍ତୁ ନାହିଁ କିମ୍ବା ଠାକୁର ଘର କରି ବେଡ଼ରୁମ୍‌କୁ ସଜାନ୍ତୁ ନାହିଁ । ସେହିପରି ବେଡ଼ରୁମ୍‌ରେ ଖାଦ୍ୟ ପଦାର୍ଥ ନଖାଇବା ସବୁଠାରୁ ଭଲ । ବିଶେଷକରି କୌଣସି ପରିସ୍ଥିତିରେ ଏହି ରୁମ୍‌ରେ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ । ଏହି ରୁମ୍ ଭିତରକୁ ଯେପରି ମୁକ୍ତ ପବନ ଆସିବ ସେ ଦିଗକୁ ଦେଖନ୍ତୁ ଏବଂ କୋଠରୀଟିକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । ଆପଣଙ୍କ ଈଶ୍ୱରଙ୍କ ଉପରେ ବିଶ୍ୱାସ ଓ ସକାରାତ୍ମକ ଭାବନା ବେଡ଼ରୁମ୍‌ର ବାସ୍ତୁଦିଗକୁ ଆହୁରି ଗୁରୁତ୍ୱମୟ ଓ ଆନନ୍ଦମୟ ଗଢ଼ି ତୋଳିବ ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ*

# ଅଛିଣ୍ଡା ପ୍ରଶ୍ନ

ପିଲାଦିନୁ ମୁଁ ମୋର ଆରାଧ୍ୟ ଜଗନ୍ନାଥଙ୍କ ନିକଟକୁ ଅନେକ ଥର ମୋର ପରିବାରର ସଦସ୍ୟଙ୍କ ସହିତ ବସରେ ଯାଇଛି । ମୋର ସାଙ୍ଗମାନଙ୍କ ସହିତ ଜଗନ୍ନାଥ ଏକ୍ସପ୍ରେସରେ ମଧ ପୁରୀ ଯାଇଛି । ମୋର ମନରେ ଗୁଡ଼ିଏ ଆଜେବାଜେ ପ୍ରଶ୍ନ ଯାତ୍ରା ସମୟରେ ଉଙ୍କି ମାରେ । ଥରେ ମୁଁ ବାପାଙ୍କୁ ପଚାରିଲି ବାପା 'ପୁରୀରେ ରଥଯାତ୍ରାରେ ତିନୋଟି ରଥ ଯଥା ନନ୍ଦିଘୋଷ (ଜଗନ୍ନାଥ) ଦେବଦଳନ (ସୁଭଦ୍ରା) ତାଳଧ୍ୱଜ (ବଳଭଦ୍ର) କାହିଁକି ତିଆରି ହୁଏ ? ଏ ତିନି ଦିଅଁ କିନ୍ତୁ ମନ୍ଦିରରେ ଏକକ ରତ୍ନ ସିଂହାସନରେ ବସିଛନ୍ତି । ତିନୋଟି ରତ୍ନ ସିଂହାସନ କାହିଁ ନାହିଁ ?' ବାପା କହିଲେ ଯେଉଁ ପ୍ରଶ୍ନର ଉତ୍ତର ନାହିଁ ସେପରି ପ୍ରଶ୍ନ ମତେ ପଚାର ନାହିଁ ।

ଥରେ ଜଗନ୍ନାଥ ଏକ୍ସପ୍ରେସରେ ସାଙ୍ଗ ମାନଙ୍କ ସହ ଯାତ୍ରା କଲାବେଳେ ମୁଁ ସାଙ୍ଗ ମାନଙ୍କୁ ପଚାରିଲି ଜଗନ୍ନାଥଙ୍କ ମନ୍ଦିରରେ ୪ଟା ଦ୍ୱାରା କାହିଁକି ? ଗୋଟିଏ ଦ୍ୱାର ଥିଲେ ଭଲ ହୋଇନଥାନ୍ତା କି ? ମୋର ଜଣେ ସହପାଠିନୀ ମତେ ଉତ୍ତରରେ କହିଲା ଏବେ ଜଗନ୍ନାଥଙ୍କ ଦ୍ୱାରକୁ ନେଇ ଭାରି ରାଜନୀତି ଧରିଛି । ଗୋଟିଏ ଦ୍ୱାର ଖୋଲା ରହି ଅନ୍ୟ ତିନି ଦ୍ୱାରା ବନ୍ଦ ରହୁଥିବାରୁ ଲୋକମାନଙ୍କ ଠାରୁ ଦସ୍ତଖତ ଅଭିଜାନ ଚାଲିଛି । ସେହି ଦସ୍ତଖତ ଗୁଡ଼ିକୁ ନେଇ ପୁରୀ ମନ୍ଦିରର ପ୍ରଶାସନିକ ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ । ଦାବୀ ରଖାଯିବ ମନ୍ଦିରର ଚାରି ଦ୍ୱାର ଖୋଲାଯାଉ । ଆଉ ଜଣେ ବାନ୍ଧବୀ କହିଲା ଆରେ ଜାଣିନୁକି ? ଆଜିକାଲି ଦ୍ୱାର ସବୁ ରୂପାର ଛାଉଣୀ କରାଯାଉଛି । ମନେ ମନେ ଭାବିଲି ମୋର ପ୍ରଶ୍ନ କଣ ? ଉତ୍ତର ମିଳିଲା କ'ଣ ? ଥରେ ଗୋଟିଏ ଜାଗାରେ ଜଗନ୍ନାଥଙ୍କ ଭକ୍ତ ମାନଙ୍କ ଦ୍ୱାରା ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜନ ହୋଇଥିଲା । ସେଥିରେ ଜଗନ୍ନାଥ ସଂସ୍କୃତି ଉପରେ କହିବା ପାଇଁ କୁହାଯାଇଥିଲା । ମୁଁ ଭଲ କହିଥିଲେ ମଧ ମୋର ଆଜେ ବାଜେ ପ୍ରଶ୍ନ ପଚାରିବାର ଅଭ୍ୟାସ ଥିବାରୁ ମୋର ବକ୍ତୃତାର ଶେଷରେ ସେହିପରି ଏକ ପ୍ରଶ୍ନ ପଚାରି ଦେଇଥିଲି । ଯେଉଁଥିପାଇଁ ମୁଁ ପୁରସ୍କାର ପାଇବାରୁ ବଞ୍ଚିତ ହୋଇଥିଲି । ପ୍ରଶ୍ନଟି ଏପରି ଥିଲା 'ଆମର ସ୍କୁଲ କଲେଜରେ ପାଠ୍ୟ ଖସଡ଼ା ରହିଅଛି । ଏହାକୁ ପଢ଼ି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ପରୀକ୍ଷାରେ ପାସ କରିଥିବାର ପ୍ରମାଣ ପତ୍ର ମିଳିଥାଏ, ତେବେ ଜଗନ୍ନାଥଙ୍କୁ ପାଇବା ପାଇଁ କି ପାଠ୍ୟ ଖସଡ଼ା ତିଆରି କରାଯାଇଛି. ସେ ପାଠ୍ୟ ଖସଡ଼ାକୁ ପଢ଼ିଲେ କିଏ ପ୍ରମାଣ ପତ୍ର ଦେବ ?' ଥରେ ବୋଉକୁ ପଚାରିଲି ବୋଉ 'ପୁରୀକୁ ଯାଉଥିବା ବସ ଓ ଟ୍ରେନରୁ ଅନେକ ଜଗନ୍ନାଥଙ୍କ ନାମରେ ନାମିତ । ବସରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ଫଟୋ ଓ କାଠ ମୂର୍ତ୍ତି କାଚ ଫ୍ରେମରେ ଟଙ୍ଗା ହୋଇଥିବା ମୁଁ ଦେଖିଛି । ଲୋକେ ଜନିଷପତ୍ର ଧରି ବସରେ, ଟ୍ରେନରେ ଭିଡ଼ରେ ଯାଆନ୍ତି । ଜଗନ୍ନାଥଙ୍କ ବସିବା ପାଇଁ କୌଣସି ସିଟ ନଥାଏ ଏପରି କାହିଁକି ? ଟ୍ରେନରେ ଜଗନ୍ନାଥଙ୍କ ଫଟୋ ବି ନଥାଏ । ମାଆ କହିଲେ ଏସବୁ ବାଜେ ପ୍ରଶ୍ନ ପଚାରିବା ବନ୍ଦ କର ।



ଅନୀତା ପଟ୍ଟନାୟକ

ଦ୍ୱିପ୍ରହର ସମୟ ହୋଇଥାଏ । ଆନନ୍ଦ ବଜାରରେ ମହାପ୍ରସାଦ ଖାଇ ଆମ ପରିବାରର ସମସ୍ତେ ସମୁଦ୍ର ବୁଲିଯିବାକୁ ଚାହିଁଲେ । ମୁଁ କହିଲି ମତେ ସମୁଦ୍ର କୂଳକୁ ଯିବାକୁ ଭଲ ଲାଗୁନି । ମୁଁ ଲକ୍ଷ୍ମୀଙ୍କ ମନ୍ଦିରରେ ଟିକେ ବିଶ୍ରାମ ନେଉଛି । ତୁମେମାନେ ଫେରିଲେ ମତେ ସେଠାରୁ ଘରକୁ ନେଇଯିବ । ମୁଁ ଲକ୍ଷ୍ମୀଙ୍କ ମନ୍ଦିରରେ କାନ୍ଥକୁ ଆଉଜି ବିଶ୍ରାମ ନେଉଥିବା ସମୟରେ ନିଦ ଲାଗିଗଲା । ସ୍ୱପ୍ନରେ ଦେଖିଲି ତ୍ରିମୂର୍ତ୍ତି ମୋ ନିକଟରେ ଉଭା ହୋଇଛନ୍ତି ଓ କହୁଛନ୍ତି 'ଆମେ ଏକ ଅଲଗା ନୁହେଁ ତେଣୁ ଏକକ ରତ୍ନସିଂହାସନରେ ଆମେ ବସିଥାଉ । ଭକ୍ତ ତାର ଭାବରେ ଓ ଚିନ୍ତାରେ ଆମକୁ ତ୍ରିମୂର୍ତ୍ତିରେ ପରିଣତ କରି ତିନୋଟି ରଥ ତିଆରି କରି ଟାଣେ । ପ୍ରଭୁ ଏକ ତିନି ନୁହଁନ୍ତି' । ରତ୍ନସିଂହାସନ ଏକ, କାରଣ କଣ ଯାଣିଚୁ ତାର କାରଣ ହେଉଛି ମୁଁ ସବୁ ବ୍ୟକ୍ତିଙ୍କର ହୃଦୟ ସିଂହାସନରେ ବିଦ୍ୟମାନ । ରତ୍ନସିଂହାସନ ଏକ ପ୍ରତୀକ ମାତ୍ର । ଏହି ସିଂହାସନରେ କେବଳ ମୁଁ ବିରାଜମାନ କରିବି କମ୍ବା ସଂସାର ବିରାଜମାନ କରିବ ଏହା ଏକକ ସିଂହାସନ ଏଥିରେ ଦୁଇଜଣ ବସି ପାରିବେ ନାହିଁ । ତୁ ସଂସାର ଚାହୁଁ ? ନା ମତେ ଚାହୁଁ ? ମୁଁ ସ୍ୱପ୍ନରେ ଦେଖୁଛି । ଜଗନ୍ନାଥ କହୁଛନ୍ତି 'ମୋର ଚାରଟି ଦ୍ୱାର ଅଛି ସତ ଏବେ ଗୋଟିଏ ଦ୍ୱାର ଖୋଲା ଅଛି । ଭିଡ଼ ହେଉଥିବାରୁ ରାଜନୀତି ଜୋର ଧରିଛି । ଚାରି ଦ୍ୱାରକୁ ଖୋଲିବା ପାଇଁ ଦସ୍ତଖତ ଅଭିଯାନ ଚାଲିଛି । ଏହା ଭାରତରେ ଏକମାତ୍ର ରାଜ୍ୟ ଯାହାର ରାଜା ଓ ମୁଖ୍ୟମନ୍ତ୍ରୀ ମୋର ଭକ୍ତ । ତୁ ବି ମୋର ଭକ୍ତ । ମୋର ଦ୍ୱାର ବାହାରୁ ଖୋଲେ ନାହିଁ । ଏହା ଭିତରୁ ଖୋଲେ ସେ ଦ୍ୱାର ହେଉଛି ଏକକ ଦ୍ୱାର । ଚାବି ମୋର ଭକ୍ତ ମାନଙ୍କ ପାଖରେ ଥାଏ । ସେହି ଏକକ ଦ୍ୱାରକୁ ଖୋଲିଲେ ହିଁ ମୁଁ ହୃଦୟ ମନ୍ଦିରରେ ପ୍ରବେଶ କରିଥାଏ । ତୁମେ ଭିତରୁ କବାଟ ଖୋଲୁନାହିଁ । କବାଟ ଦ୍ୱାର ମୁହଁରେ ସବୁବେଳେ ହାତ ଦେଇ ଠିଆ ହେଉଛ । ହୃଦୟର ସିଂହଦ୍ୱାରକୁ ଭିତରପଟୁ ଖୋଲ ମତେ ପାଇବ' ।

ମୁଁ ସ୍ୱପ୍ନରେ ଦେଖୁଛି ଜଗନ୍ନାଥ କହୁଛନ୍ତି 'ମୋର ପାଠ୍ୟ ଖସଡ଼ା ବିଷୟରେ ପଚାରୁଥିଲୁ ନା ? ଏହାର ଏକମାତ୍ର ପାଠ୍ୟ ଖସଡ଼ା ହେଉଛି 'ଜଗନ୍ନାଥ ନାମ କେବଳମ୍' । ତତେ ପରା ଗାଇବାକୁ ଭାରି ଭଲ ଲାଗେ ଜଗନ୍ନାଥ ସ୍ୱାମୀ ନୟନପଥ ଗାମୀ ଭବତୁମେ । ନାମ ଓ ଜପରେ ଉତ୍ତୀର୍ଣ୍ଣ ହେଲେ ପରୀକ୍ଷାରେ ପାଶ କରିଥିବାରୁ ପ୍ରମାଣ ପତ୍ର ସଦୃଶ ତୁ ଓ ମୁଁ ଅଭିନ୍ନ ଏପରି ପ୍ରମାଣ ପତ୍ର ମୁଁ ଦେଇଥାଏ । ପଚାରୁଥିଲୁ ନା ବସରେ ମୋର ଫଟୋ କାହିଁକି ଟଙ୍ଗା ଯାଇଛି ? ମୋର ସିଟ କାହିଁକି ନାହିଁ ? ଏପରିକି ଟ୍ରେନରେ ମୋର ଫଟୋ କାହିଁକି ନାହିଁ ? ମନେରଖ ଜଗନ୍ନାଥ ଏକ୍ସପ୍ରେସ, ଜଗନ୍ନାଥ ପରିହବନ ସଂସ୍ଥା ନାମକୁ ମାତ୍ର । ବସରେ କିମ୍ବା ଟ୍ରେନରେ ମୋ ପାଇଁ ସିଟିଟିଏ ନଥାଏ । ମୁଁ ତୁମ ମାନଙ୍କର ହୃଦୟ ସିଂହାସନରେ ବସିବାକୁ ଭଲ ପାଏ, ସେ ସିଂହାସନରେ କେବଳ ମୁଁ କିମ୍ବା ସଂସାର ବସିପାରୁ । ତୋର ଇଛା, ତୋର ହୃଦୟ ସିଂହାସନରେ ମତେ ସ୍ଥାନ ଦେବୁ ନା ସଂସାରକୁ ସ୍ଥାନ ଦେବୁ ? ଏପରି ସୁଖଦ ସ୍ୱପ୍ନ ମୋର ଭାଙ୍ଗିଯାଇଛି ଘରଲୋକେ ମତେ ଉଠାଇ ଘରକୁ ଯିବାକୁ କହୁଛନ୍ତି । ଶୋଇଛୁ କ'ଣ ? ଚାଲଯିବା, କାନ ପାଖର ଗୁଞ୍ଜରିତ ହେଉଥାଏ 'ସତ୍ୟଂ ଜ୍ଞାନଂ ଅନନ୍ତଂ ବ୍ରହ୍ମ' ।

*ଅବସରପ୍ରାପ୍ତ ପ୍ରଧାପିକା*
*ସିଡିଏ, କଟକ*
*ଦୂରଭାଷ : ୯୬୯୨୯୮୦୦୨୬*




# ସନ୍ଥକବି ଭୀମଭୋଇ



ଏକ ସମୟରେ ମହିମା ବା ଅଲେଖ ଧର୍ମ ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବାଦେବୀଙ୍କ କଳ୍ପନା ଆରାଧନା ଓ ବାହ୍ୟ ଆଡ଼ମ୍ବରକୁ ଏହା ପ୍ରତ୍ୟାଖ୍ୟାନ କରିଥିଲା। ଏହି ଧର୍ମର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ ଗୃହୀ ଶିଷ୍ୟ ଭୀମ ଭୋଇ। ତାଙ୍କ ଅନୁଗାମୀମାନେ, ତାଙ୍କୁ ଅଯୋନିସଂଭୂତ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଏବଂ ଅଲେଖ ପୁତ୍ର। ସ୍ୱରଚିତ ସ୍ତୁତି ଚିନ୍ତାମଣିରେ ମଧ୍ୟ ସେ ଏହାର ସୂଚନା ଦେଇଛନ୍ତି ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦିଶକ୍ତି ନାରୀ, ଦୂତୀ ଯୁଗଳରୁ ଜନମ ଲଭିଛି, କବିକୃତ କଳା ଧରି। ପଞ୍ଚସଖା ଯୁଗର ପରମ ସାଧକ ଅଚ୍ୟୁତାନନ୍ଦ ଦାସ, ତାଙ୍କର ସଂହିତାମାନଙ୍କରେ ଲେଖିଛନ୍ତି, ରାଧା ମାନବ ରୂପ ଧାରଣ କରି କନ୍ଧ ଗୃହରେ ଜନ୍ମ ହେବେ। ଭୀମ ଭୋଇ ନିଜ ଇଚ୍ଛା ଅନୁସାରେ ନାରୀ ରୂପ ଧାରଣ କରିପାରୁଥିଲେ। ଏହା ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ସନ୍ଥକବି ଭୀମ ଭୋଇ ପୁସ୍ତକରେ ଉଲ୍ଲେଖିତ। ଥରେ ବାବା ଗଙ୍ଗାଧର ଦାସଙ୍କୁ ଜଙ୍ଗଲରେ ସେ ନାରୀ ରୂପ ଦେଖାଇଥିଲେ। ଅନାଦି ସଂହିତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି 'ଶୁଣଗୋ ସିଦ୍ଧଙ୍କ ବନିତା, ସେ ଭୀମସେନର କଥା। ପୂର୍ବେ ସେ ମହାଶୂନ୍ୟବାସୀ, ରାଧାଙ୍କ ଯେ ଅରୂପ ଅଂଶୀ'। ତାଙ୍କୁ ଏଭଳି ଚିତ୍ରଣ କରାଯାଇଥିବା ବେଳେ ସେ ଥିଲେ ଶ୍ରୀଜଗନ୍ନାଥ ଆରାଧନାର ତୀବ୍ର ବିରୋଧୀ। ପୁରୀରେ ଶ୍ରୀଜଗନ୍ନାଥ ପୂଜା ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ। ମହିମା ଧର୍ମର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ପ୍ରାତଃ ସ୍ମରଣୀୟ। ତାଙ୍କ ଲେଖନୀ ମୁନରେ ସେ ଏହି ଧର୍ମ ବିଷୟରେ ଅନେକ କାଳଜୟୀ ରଚନା ସୃଷ୍ଟି କରିଛନ୍ତି। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ କାହା ଠାରୁ ବିନ୍ଦୁର ସାହାଯ୍ୟ ବି ଚାହିଁ ନାହାଁନ୍ତି। ସରଳ, ନିଃସ୍ୱାର୍ଥପର ଓ ସମାଜ ସେବା ପାଇଁ ତାଙ୍କ ତମାମ ଜୀବନ ସମର୍ପିତ ଥିଲା। ଆଜିର ସମୟରେ ଭୀମଭୋଇଙ୍କ ପରି ସ୍ରଷ୍ଟା ଓ ଆଧ୍ୟାତ୍ମିକ ସାଧକ ଅତ୍ୟନ୍ତ ବିରଳ। ପ୍ରତିଟି ଶ୍ୱାସପ୍ରଶ୍ୱାସରେ ହିଁ ତାଙ୍କର ମହିମା ଚେତନାର ବାର୍ତ୍ତା ଓ ଭାବନା ରହିଥିଲା। ସେ ସମୟରେ ସେ ନିଜେ ଜଣେ ଗରିବ ହୋଇ ମଧ୍ୟ ଅନେକ ଅସହାୟ ଗରିବ ପରିବାର ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ। ତିଥି ଅନୁସାରେ ଭୀମ ଭୋଇ ବୈଶାଖ ପୂର୍ଣ୍ଣମୀରେ ତାରିଖ ଅନୁସାରେ (ମଇ ୧୦) ରେଢ଼ାଖୋଲର କଟାସିଙ୍ଗାରେ ଜନ୍ମ ହୋଇଥିବା ବିଶ୍ୱାସ କରାଯାଏ।

# ଆହ୍ୱାନ ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ଉପ-ସଭାପତି ପାଣ୍ଡବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ୬ ଘଟିକା ସମୟରେ ବିଶ୍ୱା ମାତୃଦିବସ ପାଳନ କରାଯାଇଥିଲା। ମା' ବିରଜା ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମୁଖ୍ୟ ଅତିଥି ପଣ୍ଡିତ ଭୂପତିଭୂଷଣ ମିଶ୍ର ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମାତୃ ଜାତି ଚିର ବନ୍ଦନୀୟା ଓ ମା' ମାନଙ୍କର ଋଣ କେହି କେବେ ସୁଝି ପାରିବେ ନାହିଁ ବୋଲି ଦୃଢ଼ତାର ସହ ପଣ୍ଡିତ ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅଧିକାରୀ ନବକିଶୋର ଦାସ ଯୋଗାଦେଇ ସତ୍ୟ, ଦ୍ୱାପର, ତ୍ରେତୟା ଏବଂ କଳିଯୁଗରେ ବିଶ୍ୱବିଦିତ ମହିୟସୀ ନାରୀ ମାନଙ୍କର ଉପାଖ୍ୟାନ ବର୍ଣ୍ଣନା କରିଥିଲେ। ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପତି ଏବଂ ଉପଦେଷ୍ଟା ତପନ କୁମାର ମହାରଣ୍ୟ ଶର୍ମା ଓ ମନୋଜା ରାୟ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଦିବସ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦମୟନ୍ତୀ ସାହୁ, ସରସ୍ୱତୀ ପୃଷ୍ଟି ଏବଂ ଶାନ୍ତିଲତା ସାହୁ ପ୍ରମୁଖ ପୂଜା କରାଯିବା ସହ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ସଂପାଦକ ବିଶ୍ୱଜିତ ସାହୁ ସଂପାଦକୀୟ ବିବରଣୀ ଅତିଥି ପରିଚୟ ଏବଂ ସଂଗୀତ ଗାନ କରିଥିଲେ। ଏହି ଉତ୍ସବରେ ରଶ୍ମିକାନ୍ତ ପରିଡ଼ା ଓ ରଂଜିତା ପରିଡ଼ା ନୂତନ ଭାବେ ଆହ୍ୱାନରେ ଯୋଗଦେଇ ଶୁଭକାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜୁଶହା, ସୌମ୍ୟଜିତ ସାହୁ, ଜୟଦେବ ରାଉତ, ବୈଜୟନ୍ତୀ ବେହେର, ମହେଶ ମହାନ୍ତି, ସସ୍ମିତା ସାହୁ, ଶୁଭ୍ରଜିତ ସାହୁ, ରାଜେନ୍ଦ୍ର ସାହୁ ଓ ସାଇ ଓମ୍ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସହ ସଂପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ

ଖୋର୍ଦ୍ଧା (ପିଏନ୍)-ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ ହୋଇଯାଇଛି। ଫିଲିମରେ ତିନୋଟି ଗୀତ ରହିଥିବା ବେଳେ ଏଥିରେ ଡ଼କ୍ଟର ନିର୍ମଳ ନାୟକ ଓ ଅଭିଜିତ୍ ମଜୁମଦାରଙ୍କ ଜୋଡ଼ି ପୁଣି ଥରେ ଦେଖିବାକୁ ମିଳିବ। ଯେଉଁଥିରେ ଭାଉଜ ଓ ଭାଉଜ ଗୀତଟି ମାର୍କେଟରେ ଚହଳ ସୃଷ୍ଟି କରିବ ବୋଲି ଜୀ ସାର୍ଥକ ଆଶା ପ୍ରକଟ କରିଛି। ଏହି ଗୀତକୁ ନିଜେ ପପୁ ପମ୍‌ପମ୍ ଗାଇଥିବା ବେଳେ ତାଙ୍କ ସହ ଗାଇଛନ୍ତି ସ୍ମୃତି ସେହିପରି ଏକ ଦୋ ତିନି ଚାର, ଚାରିଆଢ଼େ ଦିଶୁଛି ମୋ ପ୍ୟାର। ଗୀତକୁ ଗାଇଛନ୍ତି ଅଭିଜିଦ ମଜୁମଦାର ଓ ସଂଜୁ। ଛାଡ଼ରେ ସାଙ୍ଗ ଗନ୍ଧିଆ କଥା ଗୀତକୁ ଈଶ୍ୱରୀ ଗାଇଛନ୍ତି। ସମସ୍ତ ଗୀତକୁ ଡ଼କ୍ଟର ନିର୍ମଳ ନାୟକ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର ସବୁତକ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରାଟିମ୍ ଆଶାବାଦୀ। ଆସନ୍ତା ୧୫ ତାରିଖ ସନ୍ଧ୍ୟା ୬ଟା ୩୦ମି.ରେ ଏହି ମୁଭିଟି ଜୀସାର୍ଥକରେ ରିଲିଜ ହେବ। କିନ୍ତୁ ତା ପୂର୍ବରୁ ଅଡ଼ିଓ ରିଲିଜ୍ କରିବାର ପରମ୍ପରା ଆରମ୍ଭ କରିଛି ଜୀ ସାର୍ଥକ। ଓଲିଉଡ଼ରେ ନୂଆ ମାଇଲ ଷ୍ଟୋନ ତିଆରି କରିପାରିଛି। ଜୀ ସାର୍ଥକ ଫିଲିମ୍ ଓ ଲିପ୍ସା ପ୍ରଡ଼କ୍ସନ ବ୍ୟାନରରେ ନିର୍ମାଣ ହେଉଛି ନୂଆ ସିନେମା ଡ଼ିଟେକ୍ଟିଭ୍ କରନ ଅର୍ଜୁନ ଏହି ଚଳଚିତ୍ରରେ ନୂଆ ଅବତାରରେ କମେଡ଼ି କିଂ ପପୁ ପମ୍‌ପମ୍‌କୁ ଦେଖିବାକୁ ମିଳିବ। ତାଙ୍କ ସହ ପ୍ରଜ୍ଞା ଖଟୁଆଙ୍କ ଦମ୍‌ଦାର ଅଭିନୟର ମଜା ପାଇବେ ଦର୍ଶକ। ଉଭୟ ପପୁ ଓ ପ୍ରଜ୍ଞା କରନ ଅର୍ଜୁନ ଭୂମିକାରେ ଅଭିନୟ କରୁଛନ୍ତି। ସେହିପରି ନାୟିକା ସାଜିଛନ୍ତି ଅଭିନେତ୍ରୀ ପ୍ରୀୟଙ୍କା ମହାନ୍ତି, ପ୍ରିୟଙ୍କା ମହାପାତ୍ର ଓ ଲିପସା ମିଶ୍ର ଅନ୍ୟମାନଙ୍କ ମଧ୍ୟରେ ଟୁକୁନା, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରିପାଠୀ, ହାଡ୍ଡୁ, ଅରବିନ୍ଦ ଷଡଙ୍ଗୀ, ରାଜିବ, କାଳୀ, ମନୋଜ, ସୁଶା, ଦିଗ୍‌ବିଜୟ, ସୁମିତ ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି। ପପୁ ପମ୍‌ପମ୍ ନିଜେ ସିନେମାର କାହାଣୀ ଲେଖିଥିବା ବେଳେ ଅଶ୍ୱିନି ଗଡ଼ନାୟକ ନିର୍ଦ୍ଦେଶନା ଦେଇଛନ୍ତି। ଏହାର ସଂଳାପ ଲେଖିଛନ୍ତି ଟୁକୁନା। ଚଳଚ୍ଚିତ୍ରର କାହାଣୀ ସହ ସଂଗୀତ ମଧ୍ୟ ଲୋକାଦୃତ ହୋଇପାରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

# ମା' ରାମଚଣ୍ଡୀଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ

ପ୍ରାଚୀନ ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ। ମା' ରାମଚଣ୍ଡୀଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସଂପର୍କରେ ମାଦଳା ପାଞ୍ଜି, ସାରଳା ମହାଭାରତ, ପ୍ରାଚୀ ମାହାତ୍ମ୍ୟ, ପୁରୁଷୋତ୍ତମ ମାହାତ୍ମ୍ୟ, ତଥା ବିଭିନ୍ନ ଐତିହାସିକ ବିବରଣୀରୁ ସୂଚନା ମିଳେ। ଏତଦ୍‌ବ୍ୟତିତ ଲୋକମୁଖରେ ମା'ଙ୍କ ସଂପର୍କରେ ଅନେକ କିମ୍ବଦନ୍ତୀ ମଧ୍ୟ ଶୁଣିବାକୁ ମିଳେ। ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ। ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ଏହି ପର୍ବ ପାଳନ କରାଯାଇଥାଏ। ଏହା ଓଡ଼ିଆଣୀ କୁଳବଧୂମାନଙ୍କର ଏକ ନିଆରା ପର୍ବ। କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବରରେ ପାଳନ କରିଥାନ୍ତି। ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗାଯାତକୁ ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି।





ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ଏହି ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଥାଏ। ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ ପାଳନ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରିଥାନ୍ତି। ମା' ରାମଚଣ୍ଡୀଙ୍କ ନିମନ୍ତେ କୁଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା ପରେ ମା'ଙ୍କ ପୂଜକ ଗାଧୁଆ ନୀତି ସମ୍ପନ୍ନ କରିଥାନ୍ତି। ପ୍ରତ୍ୟେକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥାନ୍ତି ହାଣ୍ଡିରନ୍ଧା ସାମଗ୍ରୀ। ମା'ଙ୍କ ମନ୍ଦିର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୂହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥାଏ। ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷଘର ଚୁଲାରୁ ଅଗ୍ନୀ ଆଣି ପ୍ରତ୍ୟେକ



ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବା ସହିତ ଖୀରିକୋଲି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥାନ୍ତି। ମହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବାକୁ ମିଶାଇ ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥାନ୍ତି। ଏହି ସମୟରେ ମା'ଙ୍କ ରୋଷେଇଘରେ ପୂଜକ ମଧ୍ୟ ନୂଆ ମାଟିହାଣ୍ଡିରେ ଅନୁରୂପଭାବେ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗ ଲଗାଇଥାନ୍ତି। ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢିଥାନ୍ତି। ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣୀଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରି ବଳକା ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୁଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରି ନୀରବତା



ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥାନ୍ତି। ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି ଏହି ବନ୍ତକୁ ସାତଥର ପ୍ରଦକ୍ଷିଣ କରିବା ପରେ ବନ୍ତ ଚୂଡ଼ାରେ



ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥାନ୍ତି। ଏହାପରେ ମହିଳାମାନେ ଏକମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥାନ୍ତି। ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥାଏ ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଷରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବାର ବିଧି ରହିଛି।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତର ଦୁଇଦିନ ପୂର୍ବରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥାଏ। ହାଣ୍ଡିଭଙ୍ଗା ଯାତ ଦିନ ପ୍ରତ୍ୟୁଷରେ ମା' ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥାଏ। ମା'ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଲାଗିରହିଥାଏ। ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥାଏ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହାୟତାରେ ମା' ରାମଚଣ୍ଡୀ ଉନ୍ନୟନ କମିଟି, ମା' ରାମଚଣ୍ଡୀ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥାନ୍ତି।

ଏଠାରେ ସୂଚନା ଥାଉକି ୨୦୧୯ ମସିହାରେ ସାମଦ୍ରିକ ଝଡ ଫନି ଓ ୨୦୨୦ ଏବଂ ୨୦୨୧ ମସିହାରେ ମହାମାରୀ କରୋନା ପାଇଁ ମା'ଙ୍କ ପୀଠରେ ଜାକଜମକରେ ପାଳନ ହୋଇପାରି ନଥିଲା



ହଣ୍ଡିଭଙ୍ଗା ଯାତ। କେବଳ ପରମ୍ପରା ରକ୍ଷା କରାଯାଇଥିଲା। ଚଳିତ ବର୍ଷ ୧୦ତାରିଖରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ବୈଶାଖ ମାସ ଶେଷ ଗୁରୁବାର ୧୨ତାରିଖରେ ଉଦଯାପିତ ହେବ। ଏହି ଅବସରରେ ୧୦ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୧୦ ତାରିଖ ଚଣ୍ଡୀ ମହାଯଜ୍ଞ ଓ ସନ୍ଧ୍ୟା ୬ଟାରେ ଖାଲକଟାପାଟଣା ଗ୍ରାମର ମା' ଜାଗେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ। ୧୧ ତାରିଖ ସନ୍ଧ୍ୟା ୬ଟାରେ କଟକ ବାଦାମବାଡିର ମା' ସାରଳା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ଏବଂ ରାତ୍ର ୧୦ଟାରେ ନୟାଗଡ ବୁଢିଆଳିର ରଘୁନାଥ ଜିୟୁ



ରାମନାଚ ସଂସଦ ପକ୍ଷରୁ ଲବକୁଶ ଜନ୍ମ ପରିବେଷଣ କରାଯିବ। ୧୨ ତାରିଖ ଗୁରୁବାର ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ, ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଘଟିକା ମା' ଖଣ୍ଡୁଆଳି ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ, ସନ୍ଧ୍ୟା ୭ଟାରେ ଓଡିଶୀ ସଂକୀର୍ତ୍ତନ ପରିବେଷଣ, ରାତ୍ର ୮ଟାରେ ସାଧାରଣ



ସଭା ଓ ରାତ୍ର ୯ଟାରେ ନୟାଗଡ ପୁଆଣିଆର ମା' ବ୍ରହ୍ମଣ ଦେବୀ ରାମନାଚ ସଂସଦ ପକ୍ଷରୁ ଲକ୍ଷ୍ମଣ ଶକ୍ତି ଭେଦ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦ୍ରନ ବେହେରା, ଅନିଲ



ନାୟକ, ସଦାଶିବ ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବିଦେଶୀଙ୍କୁ ବେଆଇନ ସିମ ବିକ୍ରି ଅଭିଯୋଗରେ ଦୁଇ ଗିରଫ





ବ୍ରହ୍ମପୁର (ପି.ଏନ): ବିଦେଶୀଙ୍କୁ ବେଆଇନ ସିମ ବିକ୍ରି । ଗୋପାଳପୁର ବନ୍ଦରରେ ବିଦେଶୀଙ୍କୁ ବେଆଇନ ସିମ ବିକ୍ରି କରି ମୋଟା ଅଙ୍କର ଅର୍ଥ ଆଦାୟ କରିବା ଅଭିଯୋଗରେ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ୨୨ ଡଲାର ସହ ବିଭିନ୍ନ କମ୍ପାନୀର ୭୦ ସିମ ଜବତ କରିଛି । ଗିରଫ ଦୁଇ ଜଣ ହେଲେ କତୁରୁ ଗାଁର ଜି. ସାମ୍ବା ଓ ମୋବାଇଲ ଦୋକାନୀ ଏ. କାମେୟା । ଜି. ସାମ୍ବା, ମୋବାଇଲ ଦୋକାନୀ ଏ. କାମେୟାଙ୍କ ଠାରୁ ସିମ କିଣି ଗୋପାଳପୁର ପୋର୍ଟରେ ବିଦେଶୀ ଜାହାଜରେ ଆସୁଥିବା ବିଦେଶୀଙ୍କୁ ବିକ୍ରି କରୁଥିଲେ । ଆର୍ଯ୍ୟପଲ୍ଲୀ ଥାନା ପୋଲିସ ଖବର ପାଇ ଦୁଇ ଜଣଙ୍କୁ ଗିରଫ କରିଛି । ତେବେ ସେମାନେ କେତେ ଦିନ ଧରି ଏ ବେଆଇନ ବ୍ୟବସାୟ କରୁଥିଲେ ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି । ତଦନ୍ତ ପରେ ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି ଛତ୍ରପୁର ଏସଡିପିଓ ଚ଼ନ୍ଦନ ଘଡେଇ କହିଛନ୍ତି ।

# ବାଂଶପାଣି ରେଳସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର

## ଡାମେଜ କଣ୍ଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/ ୨୦୨୦ ଦଫା ୧୪୭/୧୪୮/ ୪୫୨/୩୨୩/୩୨୫/୪୩୬/ ୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗସ୍ତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣାରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଗାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ୍ର ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ ଯୋଡା ଥାନା ପୋଲିସ ଏଜାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଜାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲକି ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।




୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Saturday March 22 | ଭୁବନେଶ୍ୱର ଶନିବାର, ମାର୍ଚ୍ଚ ୨୨, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ଆଜି ବିଶ୍ୱ ଜଳ ଦିବସ : ଜଳକୁ ନେଇ ହେବ ତୃତୀୟ ବିଶ୍ୱଯୁଦ୍ଧ !

ଭୁବନେଶ୍ୱର,(ପି.ଏନ): ଆଗକୁ ପାନୀୟ ଜଳକୁ ନେଇ ହେବ ତୃତୀୟ ବିଶ୍ୱଯୁଦ୍ଧ ! ସଂପ୍ରତି ବିଶ୍ୱରେ ଦେଖା ଦେଇଥିବା ପାନୀୟ ଜଳ ସଙ୍କଟର ସମସ୍ୟାକୁ ଉପଲବ୍ଧି କରି ବିଶ୍ୱ ଜଳ ଦିବସ ଅବସରରେ ଭୁବନେଶ୍ୱର ପୋଖରୀପୁଟ ଅ ଳର କୁନି ଚିତ୍ରଶିଳ୍ପୀ ରଙ୍ଗ ତୂଳୀରେ ସାରା ବିଶ୍ୱକୁ ଜଳ ବ ।ଅ, ଜୀବନ ବ ।ଅର ବଳିଷ୍ଠ ବା ର୍ତ୍ତା ଦେଇଛନ୍ତି । ଏ ସଂପର୍କରେ ସେ କୁହନ୍ତି, ପୃଥିବୀରେ ମାତ୍ର ୧ ପ୍ରତିଶତ ହେଉଛି ମଧୁର ଜଳ । ଯାହା ପାନୀୟ ଜଳ ରୂପେ ବ୍ୟବହାର ହୋଇଥାଏ । ୪ ପ୍ରତିଶତରୁ ୩ ପ୍ରତିଶତ ହିମ ପ୍ରବାହ ଓ ବରଫ



ଚଟାଣରେ ରହିଛି । ତତ୍‌ସହିତ ଲୋକ ମଧୁର ଜଳକୁ ବିଭିନ୍ନ ବାଟରେ ଅପବ୍ୟୟ କରି ଚାଲିଛନ୍ତି । କଥାରେ ଅଛି ଜଳ ହିଁ ଜୀବନ । ଜଳ ବିହୁନେ ସୃଷ୍ଟି ନାଶ । ଜଳର ଅପବ୍ୟବହାର, ଜଳବାୟୁ ପରିବ ର୍ତ୍ତନ, ବିଶ୍ୱ ତାପନ ଏବଂ ମାନବୀୟ ହସ୍ତକ୍ଷେପ ଯୋଗୁଁ ଦିନକୁ ଦିନ ଏହା ସଙ୍କଟ ଆଡକୁ ଗତି କରୁଛି । ଜଳର ମୂଲ୍ୟକୁ ଚିହ୍ନିବା, ଜନସାଧାରଣଙ୍କ ମଧ୍ୟରେ ଏହାର ସଚେତନତା ସୃଷ୍ଟି କରିବା, ଜଳର ପ୍ରଦୂଷଣ ରୋକିବା, ଜଳ ସୁରକ୍ଷା ପାଇଁ ପଦକ୍ଷେପ ନେବା ପାଇଁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୨ ତାରିଖକୁ ବିଶ୍ୱ ଜଳ ଦିବସ ରୂପେ ପାଳନ କରାଯାଇଥାଏ । ଏଣୁ ଏବେ ଠାରୁ ଜଳର ସୁରକ୍ଷା ପାଇଁ ସମସ୍ତେ ଯତ୍ନବାନ ହେବା ସହ ଏହାର ସୁରକ୍ଷା ପାଇଁ କାର୍ଯ୍ୟ କରିବା ନିତାନ୍ତ ଜରୁରୀ ।

# ମାଲକାନଗିରି ଆଶା କର୍ମୀଙ୍କ ଦ୍ୱାରା ୧୦ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ

ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲ୍ଲା ଆଶାକର୍ମୀ ସଂଘ ତରଫରୁ ପ୍ରଧାନମନ୍ତ୍ରୀ ଏବଂ ଓଡ଼ିଶାର ମୁଖ୍ୟ ମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ମାଧମ ରେ ପ୍ରଦାନ କରାଯାଇଛି । ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର ମନ୍ତ୍ରାଳୟ ଅଧୀନରେ ସମଗ୍ର ଦେଶରେ ୧୦ ଲକ୍ଷ ୫୦ ହଜାର ଆଶା କର୍ମୀ କାର୍ଯ୍ୟ ରତ ଥିବା ବେଳେ ଏହି ଆଶାକର୍ମୀ ମାନଙ୍କ ଦ୍ୱାରା ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ସ୍ୱାସ୍ଥ୍ୟ ସଂପର୍କୀତ ସମସ୍ତ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରିବା, ନାଗରିକମାନଙ୍କୁ ପ୍ରାଥମିକ ଚ଼ିକିତ୍ସା ପ୍ରଦାନ କରିବା, ଟିକାକରଣ, ପୋଲିଓ , ଗର୍ଭଧାରଣ ମା'ଙ୍କ ଗର୍ଭଧାରଣ ଠାରୁ ପ୍ରସବ ପର୍ଯ୍ୟନ୍ତ ସମସ୍ତ ସେବା ଯୋଗାଇବା, ସଫା ସୁତୁରା ଓ ସ୍ୱଛତାର ତାତ୍ପର୍ଯ୍ୟ ସଂପର୍କରେ ସଚେତନତା କରେଇବା, ସ୍ୱଛ ପାନୀୟ ଜଳ ଓ ଶୌଚାଳୟ ଆଦି କାର୍ଯ୍ୟରେ ସହାୟତା କରିବା କାର୍ଯ୍ୟରେ ଆଶାକର୍ମୀ ମାନେ ପ୍ରତ୍ୟକ୍ଷ ଅବା ପରୋକ୍ଷ ଭାବେ ସଂପୃକ୍ତ ଅଟନ୍ତି। ମାତ୍ର ଏ ସବୁ କାର୍ଯ୍ୟ ପାଇଁ ଅଦ୍ୟାବଧି କୌଣସି ମାସିକ ଦରମା ପ୍ରଦାନ କରାଯାଇ ନଥିବା ବେଳେ ସରକାର ଦ୍ୱାରା କେବଳ ସାମାନ୍ୟ ପ୍ରୋତ୍ସାହନ ରାଶି ଆଶାକର୍ମୀମାନଙ୍କୁ ପ୍ରଦାନ କରାଯାଉଛି। ସେମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ଲାଗି



ବାରମ୍ବାର ଆନ୍ଦୋଳନ ସରକାରଙ୍କ ନିକଟରେ କରାଯାଉଥିବା ବେଳେ ଗତ ୧୧ ଡିସେମ୍ବର ୨୦୧୮ ତାରିଖରେ ପ୍ରଧାନ ମନ୍ତ୍ରୀ ଭିଡିଓ କନଫରେନ୍ସ ମାଧ୍ୟମରେ ଆଶାକର୍ମୀ ମାନଙ୍କ ପ୍ରୋତ୍ସାହନ ରାଶି ଦୁଇ ଗୁଣା ବୃଦ୍ଧି କରିବା ପାଇଁ ଘୋଷଣା କରିଥିଲେ। ମାତ୍ର ଏହା କାର୍ଯ୍ୟକାରୀ ହୋଇ ନାହିଁ। ବର୍ତ୍ତମାନ ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ଆହ୍ୱାନ କ୍ରମେ ମାଲକାନଗିରି ଜିଲ୍ଲା ଶାଖା ଆଶାକର୍ମୀ ସଂଘ ର ସଭାପତି ଶ୍ରୀମତୀ ତାପତି ବିଶ୍ୱାସ ଓ ସଂପାଦକ ସୁବାସିନୀ ସହାଣୀ ଙ୍କ ନେତୃତ୍ୱରେ ଆଜି ମାଲକାନଗିରି ଜିଲ୍ଲାପାଳଙ୍କୁ ୧୦ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସେଗୁଡିକ ହେଲା , ଆଶାକର୍ମୀ ମାନଙ୍କୁ ମାସିକ ଦରମା ୧୦ ହଜାର ପ୍ରଦାନ କରିବା, ଅବସର କାଳିନ ଭତ୍ତା ପ୍ରଦାନ କରିବା, ଦୁର୍ଘଟଣାରେ ମୃତ୍ୟୁବରଣ କଲେ ୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବା, ଅବସର ସମୟରେ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବା, ଅଭିଜ୍ଞତା ଥିବା ଆଶାକର୍ମୀ ମାନଙ୍କୁ ଟିକାକରଣ ସଂପର୍କରେ ପ୍ରଶିକ୍ଷଣ ଦେବା, ଯୋଗ୍ୟତା ଅନୁସାରେ ପଦୋନ୍ନତି ଦେବା, ବର୍ଷାକୁ ୨ ଥର ୟୁନିଫର୍ମ ପୋଷାକ ଦେବା, ଆଶା କର୍ମୀମାନଙ୍କୁ ବିଶ୍ରାମ ପାଇଁ ଚ଼ିକିତ୍ସାଳୟ ପରିସରରେ ଗୃହ ନିର୍ମାଣ କରିବା, ଆଶାକର୍ମୀ ମାନଙ୍କୁ ଯାତ୍ରା କାଳିନ ଭତ୍ତା ପ୍ରଦାନ କରିବା ଆଦି ଦାବି ପତ୍ରରେ ଉଲ୍ଲେଖ କରା ଯାଇଛି।

# ଡକ୍ଟର ଗୌରଗୋପାଳ ମହାନ୍ତିଙ୍କ ବିୟୋଗରେ ଶୋକସଭା



କଟକ,(ପି.ଏନ): ବିଶିଷ୍ଟ ବୁଦ୍ଧିଜୀବୀ ତଥା ଅବସରପ୍ରାପ୍ତ ଅଧ୍ୟାପକ ଡକ୍ଟର ଗୌରଗୋପାଳ ମହାନ୍ତିଙ୍କ ବିୟୋଗରେ ମା'ଗଡଚ଼ଣ୍ଡୀ ମନ୍ଦିର ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଶିକ୍ଷାବିତ ପ୍ରଫେସର ଦିନେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ ସହରର ଅନେକ ବୁଦ୍ଧିଜୀବୀ ଏବଂ ସ୍ୱର୍ଗତ ମହାନ୍ତିଙ୍କ ସହିତ ସମ୍ପର୍କିତ ବ୍ୟକ୍ତିମାନେ ଯୋଗଦେଇ ଅମର ଆତ୍ମାର ସଦଗତି କାମନା କରିବା ସହିତ ତାଙ୍କର ସ୍ମୃତିଚ଼ାରଣ କରିଥିଲେ। ଇତ୍ୟବସରେ ବିଶିଷ୍ଟ ଶିଶୁ ସାହିତ୍ୟିକ ମହେଶ୍ୱର ମହାନ୍ତି କହିଥିଲେ ଯେ, ଡକ୍ଟର ମହାନ୍ତିଙ୍କ ବିୟୋଗ ବୌଦ୍ଧିକ ଜଗତପାଇଁ ଏକ ଅପୂରଣୀୟ କ୍ଷତି । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟାପକ ଡକ୍ଟର ନାରାୟଣ ମହାନ୍ତି, 'ରାଷ୍ଟ୍ରଦୀପ'ର ସମ୍ପାଦକ ଚ଼ିତ୍ତରଞ୍ଜନ ମହାପାତ୍ର, ସହସମ୍ପାଦିକା ପ୍ରଜ୍ଞା ପରିମିତା ଆଚ଼ାର୍ଯ୍ୟ, ବିଜେପି ରାଜ୍ୟ ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦିକା ରଶ୍ମିରେଖା ଦାସ, ବିଶିଷ୍ଟ ଜ୍ୟୋତିର୍ବିତ୍ ହରିହର ସେଠୀ, ବିଜୟ ଆଚ଼ାର୍ଯ୍ୟ, କୁଳମଣି ପ୍ରଧାନ, ସିଦ୍ଧାର୍ଥ ସାମନ୍ତରାୟ, ଭାଗବତ ସାହୁ, ତପନ କୁମାର ବାରିକ, ସଞ୍ଜୟ ପଟ୍ଟନାୟକ, ଦିନବନ୍ଧୁ ସିଂହ, ବୃନ୍ଦାବନ ନାୟକ, ପିତାମ୍ବର ଦାଶ ଏବଂ ଅନ୍ୟାନ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ । ଦୀପକ କୁମାର ମହାନ୍ତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମଟି ପରିଚ଼ାଳିତ ହୋଇଥିଲା ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଇଂରାଜୀ ବିଭାଗରେ ବିଶ୍ୱ କବିତା ଦିବସ ପାଳନ

ଭୁବନେଶ୍ୱର,(ପି.ଏନ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଇଂରାଜୀ ବିଭାଗରେ ' ବିଶ୍ୱ କବିତା ଦିବସ ' ପାଳିତ ହୋଇଯାଇଛି । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣା ଏବଂ ସ୍ନାତକୋତ୍ତର ପରିଷଦ ଅଧକ୍ଷା ତଥା ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ପଦ୍ମିନୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା । ଏ ଅବସରରେ ବିଭାଗମୁଖ୍ୟ ପ୍ରଫେସର ପଦ୍ମିନୀ ସାହୁ ବିଶ୍ୱ କବିତା ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିବା ସହ କବିତାର ସୁଦୂରପ୍ରସାରୀ ଭାବ ସମ୍ପର୍କରେ ଉଲ୍ଲେଖ କରିଥିଲେ । ଏ ଅବସରରେ ବିଭାଗୀୟ ଅଧ୍ୟାପିକା ଚ଼ିନ୍ମୟୀ ସାହୁ, ଅଧ୍ୟାପିକା ଇପ୍ସିତା ରୁଚ଼ି, ଅଧ୍ୟାପିକା ନୟନିକ ମହାପାତ୍ର, ଅଧ୍ୟାପିକା ସୁହାସିନୀ ବିଶ୍ୱାଳ ପ୍ରମୁଖ କବିତାର ସାର୍ବଜନୀନ ଆବେଦନ ଓ ପାଠକ ଆଦୃତି ଉପରେ ନିଜ ନିଜ ଅଭିଭାଷଣ ରଖିଥିଲେ କ୍ଷ ଏହି କାର୍ଯ୍ୟକ୍ରମକୁ ବିଭାଗର ଛାତ୍ରୀ ସ୍ମୃତି ସ୍ୱରୂପା ସଂଯୋଜନା କରିଥିବା ବେଳେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ।

# ଟାଟା ମୋଟର୍ସ ଏହାର ଯାତ୍ରୀ ଏବଂ ବ ଇଲେକ୍ଟ୍ରିକ୍ ଦ୍ୟୁତିକ ଯାନ ପରିବାର ବିକି କ ush ଶଲଙ୍ଗୋରଙ୍କ ସହ ଜଡିତ

ମୁମ୍ବାଇ,(ପି.ଏନ): ଟାଟା ମୋଟର୍ସ, ଭାରତର ଅଗ୍ରଣୀ ଅଟୋମୋବାଇଲ୍ ଉତ୍ପାଦନକାରୀ, ଆଜି ଏହାର ପାସେଞ୍ଜର ଏବଂ ଇଲେକ୍ଟ୍ରିକ୍ ଭେଇକିଲ୍ ରେଞ୍ଜ ପାଇଁ ବଲିଉଡ ଅଭିନେତା ବିକି K ush ଶଲଙ୍କ ସହ ମିଳିତ ହେବା ବିଷୟରେ ଘୋଷଣା କରିଛନ୍ତି, ଭିକିଙ୍କ ଯାତ୍ରା ଟାଟା ମୋଟର୍ସର ନବସୃଜନ, ଉତ୍କର୍ଷ ଏବଂ ପ୍ରଗତିର ମୂଲ୍ୟ ସହିତ ସମ୍ପୂର୍ଣ୍ଣ ଭାବରେ ସମାନ ଅଟେ । ଭିକିଙ୍କ ଷ୍ଟାରଡମକୁ ବୃଦ୍ଧି ସ୍ଥିରତା, ପ୍ରାମାଣିକତା ଏବଂ ଚ଼୍ୟାଲେଞ୍ଜିଂ ଭୂମିକା ଗ୍ରହଣ କରିବାକୁ ଏକ ଇଚ୍ଛାଶକ୍ତି ଦ୍ୱାରା ପରିଚ଼ାଳିତ ହୋଇଛି - ଗୁଣଗୁଡିକ ଯାହା ଟାଟା ମୋଟର୍ସଙ୍କ ଗତିଶୀଳତାର ଭବିଷ୍ୟତ ଗଠନ ସହିତ ସମ୍ପୂର୍ଣ୍ଣ ରୂପେ ସମାନ । ଯେହେତୁ ଟାଟା ମୋଟର୍ସ ଅଟୋମୋବାଇଲ୍ ଡିଜାଇନ୍, କାର୍ଯ୍ୟଦକ୍ଷତା ଏବଂ ପ୍ରଯୁକ୍ତିବିଦ୍ୟାର ସୀମାକୁ ଆଗକୁ ବ ଜାରି ରହିଛି । ଇବାରେ ଲାଗିଛି, ବିକିଙ୍କ ସହଭାଗିତା ନିୟମ ଭାଙ୍ଗିବା ପାଇଁ ସେମାନଙ୍କର ସହଭାଗୀ ପ୍ରତିବଦ୍ଧତାକୁ ସୂଚ଼ିତ କରେ । ତାଙ୍କର ସାମାନ୍ୟ ଆରମ୍ଭରୁ ବଲିଉଡର ଅନ୍ୟତମ ପ୍ରସିଦ୍ଧ ଅଭିନେତା ହେବା ପର୍ଯ୍ୟନ୍ତ ବିକିଙ୍କ ଯାତ୍ରା ଟାଟା ମୋଟର୍ସଙ୍କର ନିଜସ୍ୱ ବିବର୍ତ୍ତନ ଏବଂ ଅଭିନବ ଆତ୍ମାକୁ ପ୍ରତିବିମ୍ବିତ କରେ । ମିଳିତ ଭାବେ ଟାଟା ମୋଟର୍ସ ଏବଂ ବିକି କ ush ଶଲ ବିଶ୍ୱ ସ୍ତରରେ ଭାରତର ଉପସ୍ଥିତି aata ।ଉଛନ୍ତି - ଟାଟା ମୋଟର୍ସ ନୂତନ ଶିଳ୍ପ ମାନକ ସ୍ଥାପନ କରି ଭିକିଙ୍କୁ ବିଶ୍ୱ ସ୍ତରରେ ଭାରତୀୟ ପ୍ରତିଭା ପ୍ରଦର୍ଶନ କରି ଭିକି। ବିକି ଏକାଧିକ ବ୍ରାଣ୍ଡ ପଦକ୍ଷେପଗୁଡ଼ିକରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ, ଏହି ସହଯୋଗ ଏହି ନୂତନ ଆଇପିଏଲ୍ season ତୁରେ ସର୍ବ ନୂତନ ଟାଟା କର୍ଭଭ ପାଇଁ ଏକ ଅଭିଯାନ ସହିତ ଆରମ୍ଭ ହେବ ।'କରଭଭ୍ ନିଅ' ଶୀର୍ଷକ ଏହି ଅଭିଯାନରେ ଦର୍ଶାଯାଇଛି ଯେ ବକ୍ରଟି




କେବଳ ଏକ କାରଠାରୁ ଅଧିକ - ଏହା ସାହସିକତା, ଆତ୍ମ ବିଶ୍ୱାସ ଏବଂ ତୁମର ହୃଦୟକୁ ଅନୁସରଣ କରିବା । ଏହା ଜୀବନର ମୋଡ଼ ଏବଂ ମୋଡ଼କୁ ଗ୍ରହଣ କରିବା ବିଷୟରେ । ପୂର୍ବାନୁମାନଯୋଗ୍ୟ, ବ featurର ଶିଷ୍ଟ୍ୟ-ଫୋକସ୍ ମେସେଜିଂ ଦ୍ୱାରା ପ୍ରାଧାନ୍ୟ ପ୍ରାପ୍ତ ଏକ ବଜାରରେ, ଯେତେବେଳେ ସମସ୍ତେ ସିଧା ଗାଡି ଚ଼ଳାଉଛନ୍ତି, ସେତେବେଳେ ସାହସିକ ପଦକ୍ଷେପ ହେଉଛି । ରୋମାଞ୍ଚକର ନୂତନ ସହଯୋଗ ଘୋଷଣା କରି ଶ୍ରୀ ଟାଟା ପାସେଞ୍ଜର ଇଲେକ୍ଟ୍ରିକ୍ ମୋବିଲିଟି ଲି କୁ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ, ଭାରତୀୟ ଗ୍ରାହକମାନଙ୍କ ପାଇଁ ଡିଜାଇନ୍ ଏବଂ ଇଞ୍ଜିନିୟରିଂ ହୋଇଥିବା ବିଶ୍ୱ ସ୍ତରୀୟ ଯାନଗୁଡିକ ସୃଷ୍ଟି କରିବା, ଯେପରି ଭିକି କ ush ଶଲ ସର୍ବଭାରତୀୟ ସ୍ତରରେ ଭାରତୀୟ ସିନେମା ଏବଂ ସଂସ୍କୃତିର ପ୍ରତିନିଧିତ୍ୱ କରିବାରେ ଅହଂକାର କରନ୍ତି, ଆମର ବ୍ରାଣ୍ଡର ମୂଳରେ ଅଭିନବତା ସହିତ, 'ଗ୍ରାହକମାନେ ନିଜ ପଥ ଖୋଦନ କରିବାକୁ ପସନ୍ଦ କରନ୍ତି।'

ଟାଟା ମୋଟର୍ସ ପରିବାରରେ ଯୋଗଦେବାରେ ଆନନ୍ଦିତ ବିକି କ ush ଶା ପ୍ରକାଶ କରିଛନ୍ତି, 'ଟାଟା ମୋଟର୍ସ ସହିତ ମୋର କାର୍ ଦୁନିଆରେ ପ୍ରବେଶ କରି ମୁଁ ଅତ୍ୟନ୍ତ ଆନନ୍ଦିତ ଅଟେ - ଏକ ହୋମଗ୍ରାଉଣ୍ଡ ବ୍ରାଣ୍ଡ ଯାହା ଭାରତ କିପରି ଭ୍ରମଣ କରେ ତାହା ପୁନ ରଳ ନିର୍ଦ୍ଧିଷ୍ଟ କରିଛି। ତୁମର ହୃଦୟକୁ ଅନୁସରଣ କରି ପ୍ରତିବନ୍ଧକ ଭାଙ୍ଗିବା, କମ୍ ଯାତ୍ରା କରିବା ଏବଂ ଅଧିକ ଶକ୍ତିଶାଳୀ ହେବା ପାଇଁ ମୁଁ ଟାଟା ମୋଟର୍ସ ପରିବାର ସହିତ ଗ୍ରାଉଣ୍ଡ-ବ୍ରେକିଂ ପ୍ରୋଜେକ୍ଟରେ ସହଯୋଗ କରିବାକୁ ଏବଂ ବିଶ୍ story ସହିତ ଆମର କାହାଣୀ ବାଣ୍ଟିବାକୁ ଅପେକ୍ଷା କରିଛି ।

'କରଭଭ୍ ନିଅ' ଅଭିଯାନ ବିଷୟରେ: ଟାଟା ବକ୍ର କେବଳ ଏକ କାର ନୁହେଁ; ଏହା ଏକ ଷ୍ଟେଟମେଣ୍ଟ ଦ୍ରୁତ-ବିକାଶଶୀଳ ମଧ୍ୟମ-ଏସୟୁଭି ସେଗମେଣ୍ଟରେ ପ୍ରବେଶ କରିବା, ଏହା ଏକ ବୋଲ୍ଡ ଡିଜାଇନ୍, ଉପଯୁକ୍ତ ଅନୁପାତ ଏବଂ ଅଭିନବ a features ଶିଷ୍ଟ୍ୟକୁ ମିଶ୍ରଣ କରି ଏକ ପ୍ରକୃତ ଖେଳ ପରିବର୍ତ୍ତନକାରୀ ଯାନ ସୃଷ୍ଟି କରେ । ଯେତେବେଳେ କର୍ଭଭ୍ ର ଡିଜାଇନ୍ କଳ୍ପନାକୁ କାବୁ କରିସାରିଛି, ଏହା ବର୍ଗ-ପ୍ରଥମ ବ ଲରବଷ୍ଣଙ୍କଙ୍ଗରଣ୍ଣ ଶିଷ୍ଟ୍ୟ ଯାହା ସ୍ପଟ୍ ଲାଇଟ୍ ପାଇବାକୁ ଯୋଗ୍ୟ । ଏହି ଅଭିଯାନ ଏହି ଗ୍ରାଉଣ୍ଡବ୍ରେକିଂ ବ features ଶିଷ୍ଟ୍ୟଗୁଡିକ ପ୍ରଦର୍ଶନ କରିବା ଏବଂ ବକ୍ରଭଙ୍କ ଅନନ୍ୟ ଆବେଦନକୁ ହାଇଲାଇଟ୍ କରିବା ପାଇଁ ଡିଜାଇନ୍ କରାଯାଇଛି ।'କରଭଭ୍ ନିଅ' ହେଉଛି ଏକ ଦର୍ଶନ ଯାହାକି ଗାଡି ନିଜେ ବୋଲ୍ଡ ଏବଂ ଗ୍ରାଉଣ୍ଡବ୍ରେକିଙ୍ଗ୍ । ଯେପରି କର୍ଭଭ୍ ଛାଞ୍ଚ ଭାଙ୍ଗିବାକୁ ସାହସ କରେ, ଏହି ଅଭିଯାନ ଯେଉଁମାନେ ନିଜ ନିଜ ନିୟମ ତିଆରି କରନ୍ତି, ଆଶା କରାଯାଉଥିବା ସ୍ଥାନରୁ ମୁକ୍ତ ହୁଅନ୍ତି ଏବଂ ଆଗକୁ a path ନ୍ତି ସେମାନଙ୍କ ପାଇଁ ଏହି ଅଭିଯାନ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray